# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 14/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 52 | ମୂଲ୍ୟ ₹୭/-









ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା -୪.୯ ଡିଗ୍ରୀ ସେଲ୍ସିୟସକୁ ଖସିଯାଇଥିବାବେଳେ ଜଣେ ମହିଳା ଡାଲ୍ ହ୍ରଦ ଭିତରେ ଥିବା ଏକ କାଠପୋଲ ଦେଇ ଯାଉଛନ୍ତି।

# ଇରାନ୍ ଯୋଗୁ ଆଉ ୨୫% ଟାରିଫ୍

## ଭାରତ ବିରୋଧରେ ଅତିରିକ୍ତ ଦଣ୍ଡାତ୍ମକ ଶୁଳ୍କ ଘୋଷଣାକଲେ ଟ୍ରମ୍ପ୍

ପଶ୍ଚିମ ଏସୀୟ ଇସ୍‌ଲାମିକ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଯୋଗୁ ୨୦୨୫ ଡିସେମ୍ବର ଦ୍ୱିତୀୟାର୍ଦ୍ଧରୁ ମୁଣ୍ଡ ଟେକିଥିବା ଗଣଆନ୍ଦୋଳନରେ ଅଦ୍ୟାବଧି ୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ରକ୍ଷଣଶୀଳ ଇରାନ୍‌ରେ ଗୃହଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଏଥିରେ ହସ୍ତକ୍ଷେପ କରି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ୍ ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ୍ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି, ଯାହାକି ତତ୍କାଳ ଲାଗୁ ହୋଇଛି। ଏଥିଯୋଗୁ ଭାରତ, ଚାଇନା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ତୁର୍କୀ, ପାକିସ୍ତାନ ଓ ଆର୍ମେନିଆ ଭଳି ତେହରାନ୍‌ର ବାଣିଜ୍ୟିକ ସହଯୋଗୀ ପ୍ରଭାବିତ ହେବେ ବୋଲି କୁହାଯାଉଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିବାବେଳେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଆଉ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ୫୦% ଟିକସର ସମ୍ମୁଖୀନ ହେବାରୁ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନି ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ ପଡ଼ିଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଘୋଷଣା ଆମେରିକୀୟ ବଜାରକୁ ପ୍ରବେଶ କରିବାକୁ ଥିବା ଭାରତର ସାମଗ୍ରୀଗୁଡ଼ିକ ପାଇଁ ୭୫% ଟିକସ ବୋଝ ପାଲଟିଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍/ତେହରାନ୍,୧୩।୧(ପି.ଟି./ରଏଟର୍ସ)**

ଇରାନ ସହ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହ ବାଣିଜ୍ୟ ଉପରେ ୨୫ ପ୍ରତିଶତ ଟାରିଫ୍ ଦେବାକୁ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ଇରାନର ବୃହତ ବାଣିଜ୍ୟ ସହଯୋଗୀ ଭାରତ, ଚାଇନା ଏବଂ ୟୁଏଇକୁ ପ୍ରଭାବିତ କରିପାରେ। ଏହା ଚୂଡ଼ାନ୍ତ ନିର୍ଦ୍ଦେଶନାମା ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଇରାନର ପ୍ରମୁଖ ବାଣିଜ୍ୟ ସହଯୋଗୀ ମଧ୍ୟରେ

☞ପୃଷ୍ଠା-୪

### ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଇରାନରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବ୍ୟାପୀ ଆନ୍ଦୋଳନ ଲାଗି ରହିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକୁ ବନ୍ଦ କରିବା ଲାଗି ଇରାନ ସରକାର ବଳ ପ୍ରୟୋଗ କରୁଥିବାରୁ ଅନେକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ନାଗରିକ ଅଶାନ୍ତି ଯୋଗୁ ଉକ୍ତ ଦେଶକୁ ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ ହୋଇଛି। କାରଣ ରପ୍ତାନିକାରୀମାନଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ହେବା ସହ

☞ପୃଷ୍ଠା-୪

# ୧୮ ସୁଦ୍ଧା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୩।୧(ସୁଚିସ୍ମିତା ସାହୁ)**

ଆସନ୍ତା ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାଙ୍କୁ ମଧ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବରରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆ କରି ୧ ଲକ୍ଷ ୭୮ ହଜାର ୩୧୮ ଜଣ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ।

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୋର୍ସ କୋଡ୍






# ଋଣ ଶୁଝିବା ପାଇଁ ମାସକର ଝିଅକୁ ବିକିଦେଲେ

**ଭଣ୍ଡାରିପୋଖରୀ,୧୩।୧ (ରାଜେନ୍ଦ୍ର ଶତପଥୀ)**

ଋଣ ଶୁଝିବା ପାଇଁ ନିଜ ମାସକର ଝିଅକୁ ଅନ୍ୟକୁ ବିକ୍ରି କରିଦେଲେ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଗ୍ରାମରେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଜେଜେମା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ୩୪ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ନେଇ ଦମ୍ପତି ମଧ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଶିଶୁକନ୍ୟାର ଜେଜେମା' ସାବିତ୍ରୀ ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ସକାଳ ସାଢ଼େ ୯ଟା ବେଳେ ତାଙ୍କ ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ନେଇ ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିବା ବେଳେ ତାଙ୍କ ନାତୁଣୀ ସାଙ୍ଗରେ ନ ଥିଲା। ସେ ନାତୁଣୀ

☞ପୃଷ୍ଠା-୪









ନିମ୍ନ ଆୟ ଏବଂ ଦକ୍ଷିଣ ଆମେରିକା ସହ ୟୁରୋପୀୟ ୟୁନିୟନର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ମଙ୍ଗଳବାର ଫ୍ରାନ୍ସର କୃଷକମାନେ ୩୫୦ଟି ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

# ବିକ୍ଷୋଭକାରୀଙ୍କୁ ଗୁଳି କର: ଖାମେନେଇ

**ତେହରାନ,୧୩।୧**

ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିବାବେଳେ ଏହାକୁ ଦମନ କରିବାକୁ ବଳ ପ୍ରୟୋଗ କରାଯାଉଥିବାରୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ କେତେଜଣ ସୁରକ୍ଷା କର୍ମୀ ଥିବା ଏହାର ଜଣେ ଅଫିସର କହିଛନ୍ତି। ବିକ୍ଷୋଭକୁ ଦମନ କରିବାକୁ ବଳପ୍ରୟୋଗ କରାଯାଉଥିବା ନେଇ ଇରାନ କର୍ତ୍ତୃପକ୍ଷ ପ୍ରଥମ ଥର ସ୍ୱୀକାର କରିଛନ୍ତି। ଉଭୟ ବିକ୍ଷୋଭକାରୀ ଏବଂ ସୈନ୍ୟଙ୍କ ମୃତ୍ୟୁ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ଇରାନ ଅଧିକାରୀମାନେ କହିଛନ୍ତି। ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ ଆଧାରରେ ଇରାନ ଇଣ୍ଟରନ୍ୟାଶନାଲ ଏହି ରିପୋର୍ଟ କରିଛି।

**ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୨,୦୦୦**



ଆୟାତୋଲା ଅଲି ଖାମେନେଇ



ସରକାରଙ୍କ ସମସ୍ତ ୩ ବିଭାଗ ମୁଖ୍ୟଙ୍କ ସ୍ୱୀକୃତି ଏବଂ ଅନୁମୋଦନ କ୍ରମେ ସୁପ୍ରିମ ଲିଡର ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଜୀବନ୍ତ ଗୁଳିଚାଳନା କରିବାକୁ ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ ଏବଂ ବାସିଜ ମିଲିସିଆ ପ୍ରାଇମେରିକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି।

ଇରାନ ସରକାର ଅନ୍ୟୁନ ୩ ବର୍ଷ ହେଲା ସର୍ବବୃହତ୍ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଗତବର୍ଷ ଇସ୍ରାଏଲ ଓ ଆମେରିକା ମଧ୍ୟରେ ସଂଘର୍ଷ ପରେ ଅନ୍ତର୍ଜାତୀୟ ଚାପ ବଢ଼ିଛି। ଫଳରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନରେ ନାଗରିକ ଅଶାନ୍ତି ବୃଦ୍ଧି ପାଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବଠାରୁ ଦେଶକୁ ଶାସନ କରିଆସୁଥିବା ଇରାନର ଧର୍ମୀୟ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତି ଦ୍ୱୈତ ଆଭିମୁଖ୍ୟ ଆପଣାଇବାକୁ ଉଦ୍ୟମ କରୁଛନ୍ତି। ଆର୍ଥିକ ସମସ୍ୟାକୁ ନେଇ ହେଉଥିବା ଆନ୍ଦୋଳନକୁ ସରକାର ବୈଧ କହୁଥିବାବେଳେ ବିକ୍ଷୋଭକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରୁଛନ୍ତି। ଅପରପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଅଶାନ୍ତି ସୃଷ୍ଟି କରାଉଥିବା ସରକାର ଅଭିଯୋଗ କରିଛନ୍ତି। ଅଜଣା ଆତଙ୍କବାଦୀମାନେ ବିକ୍ଷୋଭକୁ ହାଇଜାକ୍ କରୁଥିବା ସରକାର କହିଛନ୍ତି। ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହଜାରଙ୍କୁ ଗିରଫ କରାଗଲାଣି ବୋଲି ପୂର୍ବରୁ ଏକ ଅଧିକାର ସଂଗଠନ କହିଥିଲା। କିଛିଦିନ ହେଲା ଇଣ୍ଟରନେଟ୍ ସଂଯୋଗ ବନ୍ଦ ରହିବା ସହ ଯୋଗାଯୋଗ କଟକଣା ଯୋଗୁ ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାହାରକୁ ଖବର ଆସିପାରୁନାହିଁ। ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସପ୍ତାହେ ହେଲା ରାତିବେଳା ହେଉଥିବା ସଂଘର୍ଷ ଭିଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ ସହ ହିଂସାତ୍ମକ ସଂଘର୍ଷ ସହ ଗାଡ଼ି ଏବଂ ଘର ପୋଡ଼ିଦିଆଯାଉଥିବା ଦେଖାଯାଇଛି।

## ୧୦ ମିନିଟ୍ ସମୟସୀମା ହଟାଇବେ ଡେଲିଭରି କମ୍ପାନୀ

**ନୂଆଦିଲ୍ଲୀ,୧୩।୧**

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ କୁଇକ୍ କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ୧୦ ମିନିଟ୍ ଡେଲିଭରି ସେବା ହଟାଇବାକୁ ମଙ୍ଗଳବାର ରାଜି ହୋଇଛନ୍ତି। ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋ କମ୍ପାନୀର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବ୍ଲିଙ୍କିଟ୍ ଏହାର ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ତୁରନ୍ତ ୧୦ ମିନିଟ୍ ଡେଲିଭରି ଟ୍ୟାଗ୍ ହଟାଇ ଦେଇଥିବାବେଳେ ଅନ୍ୟ ଡେଲିଭରି କମ୍ପାନୀଗୁଡ଼ିକ ଏହା କାର୍ଯ୍ୟକାରୀ କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ୧୦ ମିନିଟ୍ ଡେଲିଭରି ବ୍ୟବସ୍ଥା ହଟାଇବା ସହ ପୂର୍ବ ପେଆଉଟ୍ ଢାଞ୍ଚା ପୁନର୍ବାର କାର୍ଯ୍ୟକାରୀ କରିବା ଦାବିରେ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ କରାଯାଇଥିଲା। ଇଣ୍ଡିଆନ୍ ଫେଡେରେଶନ ଅଫ୍ ଆପ୍‌-ବେସ୍‌ଡ ଟ୍ରାନ୍ସପୋର୍ଟ ୱାର୍କର୍ସ (ଆଇଏଫ୍‌ଏଟି) ବ୍ୟାନରରେ ଏହି ଧର୍ମଘଟ ହୋଇଥିଲା, ଯେଉଁଥିରେ ଡେଲିଭରି କର୍ମଚାରୀ ଏବଂ କୁଇକ୍ କମର୍ସ କମ୍ପାନୀ ସହ ସମ୍ପୃକ୍ତ ଡ୍ରାଇଭରମାନେ ସାମିଲ ହୋଇଥିଲେ।

## ଦୁଃସାହସର ଦୃଢ଼ ଜବାବ ଦିଆଯିବ: ସେନାମୁଖ୍ୟ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

**ଅପରେଶନ ସିନ୍ଦୂର ଜାରି ରହିଛି**



ଉପେନ୍ଦ୍ର ଦ୍ୱିବେଦୀ

ଅପରେଶନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି ଦୁଃସାହସର ଠିକଣା ଜବାବ ଦିଆଯିବ ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିବା ସହ ପାକିସ୍ତାନକୁ ଦୃଢ଼ ବାର୍ତ୍ତା ପଠାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ କହିଛନ୍ତି, ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସତର୍କ ରହିବାକୁ ହେବ। ଅପରେଶନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବା ସହ ଇସଲାମାବାଦର ପରମାଣୁ ଦମ୍ଭକୁ ଭାଙ୍ଗିଥିଲା। ରଣନୈତିକ ମାନ୍ୟତା ପୁନଃସ୍ଥାପନରେ ଏହା ସହାୟକ ହୋଇଥିଲା। ସେତେବେଳେ ପାକିସ୍ତାନ କୌଣସି ଦୁଃସାହସ ଉଦ୍ୟମ କରିଥିଲେ ସଶସ୍ତ୍ର ବଳ ସ୍ଥଳଯୁଦ୍ଧ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିଲା ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

## ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍ ଉପରେ ରୁଷିଆର ଆକ୍ରମଣ: ୪ ମୃତ

**କିଭ୍,୧୩।୧**

ରୁଷିଆ ଗତ ୪ ଦିନ ମଧ୍ୟରେ ୟୁକ୍ରେନ୍ ଉପରେ ଦ୍ୱିତୀୟ ଥର ପାଇଁ ବଡ଼ ଧରଣର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣ କରିଛି। ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ୪ ଜଣଙ୍କ ଜୀବନ ଯାଇଛି। ୪ ବର୍ଷ ହେଲା ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ନେତୃତ୍ୱରେ ଶାନ୍ତି ଉଦ୍ୟମ ଚାଲିଥିବାବେଳେ ଏହାର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ସୋମବାର ରାତିରେ ରୁଷିଆ ୩୦୦ ଡ୍ରୋନ୍, ୧୮ ବାଲିଷ୍ଟିକ୍ ମିଶାଇଲ ଏବଂ ୭ କ୍ରୁଜ୍ ମିଶାଇଲ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ ମିଡିଆରେ କହିଛନ୍ତି। ଉତ୍ତରପୂର୍ବ ଖର୍କିଭ୍ ଅଞ୍ଚଳର ଏକ ମେଲ୍ ଡିପୋରେ ହୋଇଥିବା ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କିଭ୍ ଅଞ୍ଚଳର ଅନେକ ଲକ୍ଷ ଘରକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ରାଜଧାନୀର ତାପମାତ୍ରା ବିୟୁକ୍ତ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ରାସ୍ତାଘାଟ ବରଫରେ ଘୋଡ଼ାଇହୋଇ ରହିଛି। ୪ ଦିନ ପୂର୍ବରୁ ରୁଷିଆ ୟୁକ୍ରେନ୍ ଉପରେ ଅନେକ ଶହ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା।

## ୧ ଡଲାର= ୯୦.୨୩ ଟଙ୍କା

**ମୁମ୍ବାଇ,୧୩।୧(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ମଙ୍ଗଳବାର ୬ ପଇସା ହ୍ରାସ ପାଇ ୯୦.୨୩ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ଦର ପୁଣି ବଢ଼ିବା ଏବଂ ଧାତୁ ମୂଲ୍ୟ ବୃଦ୍ଧି ସାଙ୍ଗକୁ ପୁଞ୍ଜି ବଜାର ସ୍ଥିତିକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଭୂରାଜନୈତିକ ଉତ୍ତେଜନା ଏବଂ ଦୁର୍ବଳ ପୁଞ୍ଜିବଜାରକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଫଳରେ ଭାରତୀୟ ମୁଦ୍ରା ଉପରେ ଚାପ ବୃଦ୍ଧି ପାଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୨୪ରୁ ଆରମ୍ଭ ହୋଇ ଇଣ୍ଟ୍ରା-ଡେ'ରେ ସର୍ବନିମ୍ନ ୯୦.୩୦ରେ ପହଞ୍ଚିଥିବାବେଳେ ଶେଷରେ ୯୦.୨୩ ରହିଥିଲା। ସୋମବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୦.୧୭ ଥିଲା।

## ଭାରତରେ ସଂଖ୍ୟାଲଘୁ ବିରୋଧୀ ଘୃଣିତ ମନ୍ତବ୍ୟ ୧୩% ବଢ଼ିଛି

**ୱାଶିଂଟନ,୧୩।୧**

ଭାରତରେ ୨୦୨୫ରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଘୃଣିତ ବକ୍ତବ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଘୃଣିତ ମନ୍ତବ୍ୟ ଦେବା ବୃଦ୍ଧି ପାଇଥିବା ୱାଶିଂଟନର ଏକ ଗବେଷଣା ସଂସ୍ଥା ମଙ୍ଗଳବାର କହିଛି। ଇଣ୍ଡିଆ ହେଟ୍ ଲାବ୍ ନାମକ ଉକ୍ତ ସଂସ୍ଥା ୨୦୨୫ରେ ୧,୩୧୮ଟି ଉଦାହରଣର ଦସ୍ତାବିଜ ପ୍ରସ୍ତୁତ କରିଛି, ଯାହାକୁ ଉକ୍ତ ସଂସ୍ଥା ଘୃଣିତ ବକ୍ତବ୍ୟ କହିଛି। ୨୦୨୪ରେ ଏଭଳି ବକ୍ତବ୍ୟ ସଂଖ୍ୟା ୧,୧୬୫ ଏବଂ ୨୦୨୩ରେ ୬୬୮ ଥିଲା। ରାଜନୈତିକ ରାଲି, ଧର୍ମୀୟ ଶୋଭାଯାତ୍ରା ଓ ସାଂସ୍କୃତିକ ସମାବେଶରେ ଏଭଳି ବକ୍ତବ୍ୟ ଦିଆଯାଇଥାଏ। ସେଥିରୁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୧୬୪ଟି ଘଟଣା ଘଟିଥିବାବେଳେ ଏଥିସହିତ ଉକ୍ତ ଦଳ କିମ୍ବା ଏହାର ସହଯୋଗୀ ସିଧାସଳଖ ସମ୍ପୃକ୍ତ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଉପରେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ମତାମତ ଲୋଡ଼ାଯାଇଥିବାବେଳେ ଏହା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ମୋଦି ଓ ତାଙ୍କ ଦଳ ଏହାକୁ ପକ୍ଷପାତ କହି ଅସ୍ୱୀକାର କରିଛି। ସରକାରଙ୍କ ଖାଦ୍ୟ ସବ୍‌ସିଡି କାର୍ଯ୍ୟକ୍ରମ ଏବଂ ବିଦ୍ୟୁତୀକରଣ ପଦକ୍ଷେପ ସବୁ ସମ୍ପ୍ରଦାୟକୁ ସୁବିଧା ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଏପ୍ରିଲରେ ସର୍ବାଧିକ ୧୫୮ଟି ଘୃଣିତ ବକ୍ତବ୍ୟ ମଧ୍ୟରୁ ପ୍ରଥମ ୧୨ ଦିନରେ ପ୍ରାୟ ୧୦୦ ବକ୍ତବ୍ୟ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବକ୍ତୃତା ସଂଖ୍ୟା ବଢ଼ିଥିଲା।

**୨୦୨୫ରେ ୧,୩୧୮ ଘୃଣିତ ମନ୍ତବ୍ୟ**

୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଥିବା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଆଦି ଅଧିକାର ସଂଗଠନ କହିଛନ୍ତି। ଧର୍ମଭିତ୍ତିକ ନାଗରିକତ୍ୱ ଆଇନ ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହାକୁ ଜାତିସଂଘ ମୂଳତଃ ଭେଦଭାବପୂର୍ଣ୍ଣ ଏବଂ ଧର୍ମାନ୍ତରୀକରଣ ବିରୋଧୀ ଆଇନ ବୋଲି କହିଛି। ୨୦୧୯ରେ ମୁସଲମାନବହୁଳ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇଥିଲା ଏବଂ ମୁସଲମାନଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିଦିଆଯାଇଥିଲା ବୋଲି ଏଥିରେ କୁହାଯାଇଛି। ଆମେରିକାରେ ରହୁଥିବା କଶ୍ମୀରୀ ଖବରଦାତା ରକିବ୍ ହମିଦ ନାଏକ ଇଣ୍ଡିଆ ହେଟ୍ ଲାବ୍ ପ୍ରତିଷ୍ଠା କରିଛନ୍ତି। ୱାଶିଂଟନର ଅଣଲାଭକାରୀ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଅର୍ଗାନାଇଜ୍‌ଡ ହେଟ୍‌ର ଏହା ଏକ ପ୍ରୋଜେକ୍ଟ।

## ଶକ୍ସଗାମ୍ ଉପତ୍ୟକାକୁ ନିଜର ଦାବିକଲା ଚାଇନା

**ବେଜିଂ,୧୩।୧(ପି.ଟି.)**

ଶକ୍ସଗାମ୍ ଉପତ୍ୟକାକୁ ଚାଇନା ପୁନର୍ବାର ନିଜର ଦାବି କରିବା ପରେ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଅଞ୍ଚଳରେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ଭିତ୍ତିଭୂମି ପ୍ରକଳ୍ପକୁ ଭାରତ ବିରୋଧ କରିଥିବାବେଳେ ଚାଇନା ଏହାକୁ ଖୋଲା ପ୍ରତ୍ୟାଖ୍ୟାନ କରିଛି। ଚାଇନାର ନିର୍ମାଣ କାର୍ଯ୍ୟ ନିଜ ଅଞ୍ଚଳରେ ହେଉଥିବାରୁ ସମାଲୋଚନାର ବାହାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ନୂଆଦିଲ୍ଲୀ ଚାଇନାର ଉକ୍ତ ଆଭିମୁଖ୍ୟକୁ ଜୋର୍‌ଦାର ବିରୋଧ କରିଛି। ଶକ୍ସଗାମ୍ ଉପତ୍ୟକା ଭାରତୀୟ ଅଞ୍ଚଳ ହୋଇଥିବାରୁ ନୂଆଦିଲ୍ଲୀ ଏହାର ସ୍ୱାର୍ଥର ସୁରକ୍ଷା କରିବ ବୋଲି କହିଛି।


## ପ୍ରେମରେ ପଡ଼ିଛନ୍ତି ଦିଶା



ଦିଶା ପଟାନି

**ମୁମ୍ବାଇ:** ପୁଣି ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ଦିଶା ପଟାନି। ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଦିଶାଙ୍କୁ ମିଳିଯାଇଛି ନୂଆ ଜୀବନ ସାଥୀ। ଉଦୟପୁରରେ କ୍ରିତି ସାନନଙ୍କ ଭଉଣୀ ନୁପୁର ସେନ୍ ଏବଂ ଷ୍ଟେବିନ ବେନ୍‌ଙ୍କ ବିବାହରେ ଦିଶା ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ସହ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। କୁହାଯାଉଛି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ ଦୁହେଁ ଏନେଇ କିଛି କହିନାହାନ୍ତି। ତଲବିନ୍ଦର ସିଂହ ସିଦ୍ଧୁ ଜଣେ ପଞ୍ଜାବୀ ଗାୟକ, ସଙ୍ଗୀତ ପ୍ରଯୋଜକ ଏବଂ ଗୀତିକାର। ସେ ପଞ୍ଜାବୀ ସଙ୍ଗୀତ ଶିଳ୍ପର ସବୁଠାରୁ ଲୋକପ୍ରିୟ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ଜଣେ। ତଲବିନ୍ଦର ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଏକ ରହସ୍ୟମୟ ଭାବନା ବଜାୟ ରଖନ୍ତି, ଏକ ସ୍ୱତନ୍ତ୍ର ମୁହଁ ରଙ୍ଗ ସହିତ ସଙ୍ଗୀତ ପ୍ରଦର୍ଶନ କରନ୍ତି। ସେ ଏହାକୁ ବାରମ୍ବାର ଏକ କଳାତ୍ମକ ପସନ୍ଦ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନକୁ ତାଙ୍କର ସାର୍ବଜନୀନ ପରିଚୟରୁ ପୃଥକ ରଖିବାରେ ସାହାଯ୍ୟ କରେ।

ନିକଟରେ ଦିଶା ରାଜସ୍ଥାନର ଉଦୟପୁରରେ ସାନନଙ୍କ ଭଉଣୀ ନୁପୁର ସାନନଙ୍କ ବିବାହରେ ଯୋଗ ଦେଇଥିଲେ। ବିବାହର ଅନେକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦିଶା ଏବଂ ତଲବିନ୍ଦରଙ୍କ ଏକ କ୍ଲିପ୍ ମଧ୍ୟ ରହିଛି। ଏଥିରେ ଉଭୟଙ୍କ ଅନ୍ତରଙ୍ଗ ଭାବେ ଦେଖିବାକୁ ମିଳିଛି।

# ଲୋକଦେଖାଣିଆ ଆଲୋଚନା




**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ଓଡ଼ିଶାରେ ଭାଜପା ଶାସନକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଯେପରି ବିରୋଧୀ ଶୂନ୍ୟ ହୋଇଯାଇଛି। ଶାସକ ଦଳର ଅନେକ ବିଫଳତା ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ସେଗୁଡିକ ବିରୋଧରେ ମୁହଁ ଖୋଲିବାକୁ କେହି ଆଗକୁ ଆସିପାରୁନାହାନ୍ତି। ଭବିଷ୍ୟତରେ ମଧ୍ୟ ଏହା ସମ୍ଭବ ହୋଇପାରିବ ସେକଥା ଏଯାଏଁ ମନେହେଉନାହିଁ। ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସଲାସୁତୁରା ହୋଇ ଏବଂ ଭାଜପାକୁ ସମର୍ଥନକରି କିପରି ଶାସକ ଦଳ ସହ ମେଣ୍ଟ କରାଯାଇପାରିବ ସେଥିପାଇଁ ସୁଚିନ୍ତିତ ଭାବେ ବିଜେଡି କାର୍ଯ୍ୟକ୍ରମ ଆଗକୁ ନିଆଯାଉଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବିଧାୟକମାନଙ୍କ ହେଉଥିବା ଆଲୋଚନା ଏହାର ଏକ ବଡ଼ ଉଦାହରଣ। ସୂଚନାଯୋଗ୍ୟ, ନବୀନ ୧୦ ଜଣ ଲେଖା ବିଧାୟକଙ୍କୁ ଡାକି ସିଧାସଳଖ ଆଲୋଚନା କରୁଛନ୍ତି। ବୈଠକରେ ସେ ଯାହାସବୁ ଆଲୋଚନା କରୁଛନ୍ତି ସମାନ କଥା ଗଣମାଧ୍ୟମକୁ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଖବର ପ୍ରସାରଣ ପାଇଁ ଦେଇ ଦିଆଯାଉଛି। ଫଳରେ ନବୀନ କରୁଥିବା ବୈଠକ ଅନ୍ତସାର ଶୂନ୍ୟ କେବଳ ଫଟୋ ଛାଡ଼ି ରାଜନୀତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ବୈଠକରେ ଯୋଗଦେଉଥିବା ବିଧାୟକମାନେ କହୁଛନ୍ତି, ନବୀନଙ୍କ ସହିତ ଏଭଳି 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ବୈଠକ ପଛରେ ଲୋକଦେଖାଣିଆ ଉଦ୍ଦେଶ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ କହିବା କଥା, ଆଗକୁ ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏସବୁ ବିଜେଡି ହାତରେ ରହିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ରାଜ୍ୟ ସଭା ଆସନରେ ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ଗୋଟିଏ ଆସନ ପାଇଁ ମୂଳତଃ ରାଜନୀତି ହେବ। ହେଲେ ୪ର୍ଥ ଆସନ ଭାଜପାକୁ ଟେକିଦେବା ଲାଗି ବିଜେଡି ଏବେଠାରୁ ଅଙ୍କ କଷିବା ଆରମ୍ଭ କରିଦେଲାଣି। ସମଦୂରତା କଥା କହି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ ନୀରବ ରହିବାକୁ କହିଦେଲେ ସରଳ ବାଟରେ ସେହି ଆସନ ଖଣ୍ଡକ ଭାଜପା ନେଇଯାଇପାରିବ। ସେଥିପାଇଁ ନବୀନ ଏବେଠାରୁ ବିଧାୟକମାନଙ୍କ ସହ ଆଲୋଚନାକରି ଗୋଟିଏ ବାର୍ତ୍ତା ଆଗ ଦେବାକୁ ଚାହୁଁଛନ୍ତି, ସେ ସିଧାସଳଖ ଦଳର ନେତାମାନଙ୍କୁ ଭେଟି କଥା ହେଉଛନ୍ତି ଏବଂ ସମସ୍ୟା ବୁଝୁଛନ୍ତି। ଫଳରେ ଭାଜପାକୁ ପରୋକ୍ଷରେ ରାଜ୍ୟ ସଭା ଆସନ ଖଣ୍ଡକ ଟେକିଦେଲା ପରେ ନବୀନ କାହା ସହିତ ଭେଟୁନାହାନ୍ତି ବୋଲି ଯେମିତି ପ୍ରଶ୍ନ ନ ଉଠିବ। ଏଥିରୁ ଗୋଟିଏ କଥା ଦିନକୁ ଦିନ ସ୍ପଷ୍ଟହେବାରେ ଲାଗିଛି ଯେତିଦିନ ବିଜେଡି ରହିବ ସେତେଦିନ ରାଜ୍ୟରେ ଭାଜପା ଏକ ପ୍ରକାର ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ନିଜର ରାଜନୈତିକ ସଫଳ ଯାତ୍ରା ଆଗକୁ ନେଇପାରିବ। କାରଣ ବିଧାନସଭାରେ ବିଜେଡିର ବର୍ତ୍ତମାନ ୫୦ ଜଣ ବିଧାୟକ ରହିଛନ୍ତି। ଦୁର୍ବଳ କାର୍ଯ୍ୟକ୍ରମ ଜରିଆରେ ଯଦି ଏତେବଡ଼ ବିରୋଧୀ ଦଳର ବିଧାୟକମାନଙ୍କୁ ଏକ ପ୍ରକାର ପଙ୍ଗୁକରି ରଖିଦିଆଯାଉଛି ତେବେ ଭାଜପା ପାଇଁ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ। ଯଦି କେହି ବିଜେଡି ଛାଡୁଛନ୍ତି ସେମାନେ ଏମିତିରେ ଭାଜପାରେ ହିଁ ସାମିଲ ହେଉଛନ୍ତି। ରାଜ୍ୟରେ ଗୋଷ୍ଠୀକନ୍ଦଳ କାରଣରୁ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଜାତୀୟସ୍ତରରେ ମଧ୍ୟ କଂଗ୍ରେସର ନେତୃତ୍ୱ ପ୍ରତି ତାଙ୍କ ଦଳର ନେତାମାନଙ୍କ ଆସ୍ଥା ରହୁନାହିଁ; ଯେଉଁଥିଲାଗି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ଏଯାଏଁ କେହି ଅନୁଭବ କରିପାରୁନାହାନ୍ତି। ବିଜେଡି ଯେପର୍ଯ୍ୟନ୍ତ ଏମିତି ଚାଲିବ ସେପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ଦଳ ବା ରାଜନୈତିକ ସମୀକରଣ ସମ୍ଭବପର ହେବ ନାହିଁ ବୋଲି ଭାଜପାର ଚିନ୍ତନ ଟିମ୍ ଭଲଭାବେ ବୁଝିସାରିଛନ୍ତି। ତେଣୁ କାହିଁକି ବିଜେଡି ନ ଭାଙ୍ଗିବା ଦରକାର ବୋଲି ବହୁ ନେତା ଏବେଠାରୁ ପ୍ରଶ୍ନ ଉଠାଇ ନୂଆ ଆଞ୍ଚଳିକ ଦଳଟିଏ ଗଠନ ହେଉ ବୋଲି ଭାବୁଛନ୍ତି। ଅନ୍ୟପଟେ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ଥିବା ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇ ଭାଜପାର ଲୁକ୍କାୟିତ ସହଯୋଗୀ ସାଜିଛନ୍ତି ବୋଲି ଶାସକ ଦଳର କେତେଜଣ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି।

ସୂଚନାଯୋଗ୍ୟ, ଯଦି ୨୦୨୪ ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ଦେଶର ୩ଟି ଆଞ୍ଚଳିକ ଦଳ ଆନ୍ଧ୍ର ପ୍ରଦେଶର ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍ଆର୍ କଂଗ୍ରେସ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍ଏସ୍ ଏବଂ ଓଡ଼ିଶାର ବିଜେଡି ଅନେକ ସମୟରେ କେନ୍ଦ୍ର ସରକାରଙ୍କୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସମର୍ଥନ ଦେଇ ଆସିଲେ। ଏହି ଦଳଗୁଡିକ ଭାଜପା ସହ ମେଣ୍ଟ କରିବାକୁ ମଧ୍ୟ ବାରମ୍ବାର ଆଗ୍ରହ ଦେଖାଇଲେ। କିନ୍ତୁ ଭାଜପାକୁ ସମର୍ଥନ କରି ଆସୁଥିବା ଏହି ୩ ଆଞ୍ଚଳିକ ଦଳ ଶେଷରେ ନିପାତ ହୋଇଯାଇଛନ୍ତି। ମାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିସବୁ ଦଳ ପାଇଁ ଶିକ୍ଷଣୀୟ ହେବା ଦରକାର ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ମମତାଙ୍କ ଦଳ ଟିଏମ୍‌ସି(ତୃଣମୂଳ କଂଗ୍ରେସ)ର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ଆଇ-ପାକ୍ ସଂସ୍ଥା ଉପରେ ଭୋର୍ ସମୟରେ ଇଡି ପକ୍ଷରୁ ରେଡ୍ କରାଗଲା। ମମତା ସ୍ୱୟଂ ରେଡ୍ ଚାଲିଥିବା ସ୍ଥାନରେ ପହଞ୍ଚି ଇଡି ଚଢ଼ାଉ ନାଁରେ ତାଙ୍କ ବ୍ୟକ୍ତିଗତ ରଣନୈତିକ ଫାଇଲ୍ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗକରି ସେଗୁଡିକ ସେଠାରୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରକାର ରାଜନୈତିକ ମଞ୍ଚ ଜରିଆରେ ସିଧାସଳଖ ଟାର୍ଗେଟ କରୁଛନ୍ତି। ଏପରିକି ମମତାଙ୍କ ଦଳର ଏମ୍‌ପିମାନେ ନିକଟରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରେ ଯାଇ ଭାରତୀୟ ନିର୍ବାଚନ କମିଶନଙ୍କୁ କିପରି ପ୍ରଶ୍ନକଲେ ଏବଂ ଇଡି ଚଢ଼ାଉ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାସଭବନ ଘେରିଲେ ସେକଥା ଦେଶବାସୀ ଦେଖିଲେ। ଭବିଷ୍ୟତରେ ଟିଏମ୍‌ସିର ପରିସ୍ଥିତି କେଉଁଭଳି ହେବ ସେକଥା କହିବା ଏବେଠାରୁ କଷ୍ଟକର, ହେଲେ ଗୋଟିଏ ଅଞ୍ଚଳିକ ଦଳ କିପରି ନିଜର କାର୍ଯ୍ୟକ୍ରମ କରିବା ଦରକାର ଏହା ମମତାଙ୍କ ଦଳର ଏମ୍‌ପିମାନେ ମଧ୍ୟ ଦେଖାଇଦେଲେ। ବିଗତ ଦିନରେ ଲୋକ ସଭାରେ ୨୧ରୁ ୨୦ ଏମ୍‌ପି ବିଜେଡିର ଜିତିଥିଲେ। ହେଲେ ସେମାନେ ସବୁ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଣୁଥିବା ସବୁ ବିଲ୍‌କୁ ସମର୍ଥନ କରିଚାଲିଲେ। ଶେଷରେ ୨୦୨୪ରେ ଓଡ଼ିଶା ଲୋକମାନେ ଲୋକ ସଭାରେ ବିଜେଡିକୁ ଶୂନରେ ପହଞ୍ଚାଇବା ସହ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଂଖ୍ୟା ୨୦ କରିଦେଲେ।

କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନବୀନଙ୍କ ଏକାନ୍ତ ଅନୁଗତ ଥିବା ପାଣ୍ଡିଆନ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ସହ ଦଳର ଅନେକ ନେତା ଯୋଗାଯୋଗରେ ଅଛନ୍ତି। ବହୁ ନେତା ତାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ମଧ୍ୟ ଯାଉଛନ୍ତି। ଯେଉଁମାନେ ତାଙ୍କୁ ଭେଟୁଛନ୍ତି ସେ ସମସ୍ତଙ୍କୁ ପାଣ୍ଡିଆନ୍ ଯେଉଁ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ରାଜନୀତି ହେବାକୁ ଅଛି ସେ କ୍ଷେତ୍ରରେ ଦଳ ସମଦୂରତା ନୀତି ଆପଣାଇବ ବୋଲି କହୁଛନ୍ତି। ଅନ୍ୟପଟେ ୨୦୨୯ରେ ଭାଜପା ସହ ମେଣ୍ଟ ହେବ ଏବଂ ଯେଉଁମାନେ ତାଙ୍କ ସହିତ ରହିବେ ସେମାନଙ୍କୁ କିପରି ଟିକେଟ ମିଳିବ ସେ ଦାୟିତ୍ୱ ତାଙ୍କର ବୋଲି କହୁଛନ୍ତି। ତାଙ୍କ ଉପରେ ଭରସା କରିବାକୁ ହେଲେ ଯେଉଁ ଅଫିସରମାନେ ବିଜେଡି ଶାସନ ସମୟରେ ପାୱାରଫୁଲ୍ ଥିଲେ ସେମାନେ ଏବେ ସୁବିଧାରେ ନା ଅସୁବିଧାରେ ଅଛନ୍ତି ସେକଥାକୁ ଲକ୍ଷ୍ୟ କରି ସବୁକିଛି ବୁଝିଯାଆନ୍ତୁ ବୋଲି ପାଣ୍ଡିଆନ୍ କହୁଛନ୍ତି। ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ସେକଥା ମଧ୍ୟ ପାଣ୍ଡିଆନ୍ କୁଆଡ଼େ କହି ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ ପରୋକ୍ଷରେ ପ୍ରଚାର ଆରମ୍ଭ କରିଦେଲେଣି।

**ମକରରେ ମାଞ୍ଜା ସୂତା ଭୟ**




# ଶିମିଳିପାଳରେ ପାରଦ ପୁଣି ୧ ଡିଗ୍ରୀକୁ ଖସିଲା

**ବାରିପଦା, ୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ୩ ଦିନ ପରେ ପୁଣି ପାରଦ ନିମ୍ନଗାମୀ ରହିଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୮ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥୀ, ସାତକୋଶିଆରେ ଏବଂ କିଆଝରୀରେ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଶୀତରପ୍ରକୋପ ପୁନଶ୍ଚ ବୃଦ୍ଧିପାଇଛି।


TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
Dreaming of restarting your career? It's time to shine, again!
ନୂଆ ଆରମ୍ଭ A New Beginning

Applications are invited for
**NUA AARAMBHA: A New Beginning!**
**Second Career for Women Candidates**
JOB OPPORTUNITIES in The Tata Power Company for its Distribution Business in Odisha (TPCODL, TPNODL, TPSODL, TPWODL)

Tata Power, in joint venture with the Government of Odisha, manages power distribution through four DISCOMs (TPCODL, TPNODL, TPSODL, TPWODL) with a focus on reliability, customer service, and innovation across the state. Applications are invited from eligible women candidates currently on career break to apply for roles across four Odisha DISCOMs.

**DEPARTMENTS**

1. Operation & Maintenance 2. Commercial Function and Customer Services 3. Information Technology 4. Engineering & Quality 5. Contract & Procurement 6. HR & Administration 7. Finance & Accounts 8. Legal & Secretarial

**ELIGIBILITY**

- **Career Break:** Women candidates who are **currently on a career break** are encouraged to apply for the position in the departments listed above. **Note: Career break must have started on or before 1 January 2025.**
- **Professional Qualifications:** Applicants should have completed a regular full-time course in **B. Tech/ B.E/ Diploma in Electrical Engineering, MBA, LLB, MCA, CA, CS, ICWA** or any other equivalent professional qualification.
- **Academic Performance:** Candidates are required to have minimum 60% marks or above in all academic qualifications.
- **Work Experience: Minimum 2-year full time relevant work experience, post highest qualification** will be considered.
- **Age Limit:** Candidates must be **up to 40 years of age as on 1 January 2026.**

(Preference will be given to candidates who are domiciled in Odisha)

**HOW TO APPLY**

Last date for application: 23rd January 2026 at 11:59 PM. Scan the QR code to fill up the Application Form. You may reach out to **sandesh.centralhr@tpcentralodisha.com** for issues faced, if any. Please mention the subject as –
**"TP Odisha DISCOMs - Nua Aarambha: Second Career for Women Candidates".**
*Your Purpose.Full journey begins here!*
Scan this QR code to apply now!


# ଆଞ୍ଚଳିକ ବୈଷମ୍ୟ ଦୂରହେବ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'କଫି ଟେବୁଲ ବୁକ୍'କୁ ଉନ୍ମୋଚନ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡା. ଫକୀର ଚରଣ ନାୟକ, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଏସ୍‌ପି ନୀତିନ୍ କୁଶଳକର ଉପସ୍ଥିତ ଅଛନ୍ତି।

**କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ବର୍ତ୍ତମାନ ସମୟ କେନ୍ଦୁଝର ଜିଲାର ବିକାଶ ପାଇଁ ଠିକ୍ ସମୟ। ଯେବେଠୁ ମା' ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ ଇଞ୍ଜିନ ଲାଗିଛି। କେନ୍ଦୁଝର କେବଳ ଏକ ଜିଲା ନୁହେଁ ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପାଇଁ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ତଥା ୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲା ଭାବରେ ପ୍ରତିଷ୍ଠା ହାସଲ କରିବ। ଭାଜପା ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଆଞ୍ଚଳିକ ବୈଷମ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାଜପା ସରକାର ଆସିବା ମାତ୍ରେ ଲୋକଙ୍କ ଅଭିଯୋଗକୁ ସମାଧାନ ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ୨ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଚଢ଼େଇ ନାମକ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା ହିତାଧିକାରୀଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ।

ସୂଚନା ଅନୁଯାୟୀ, ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେଶନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତୀକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରି, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି। ପୂର୍ବରୁ ଘୋଷଣା ଅନୁଯାୟୀ ୫୦ କୋଟି ଟଙ୍କା ବିନିଯୋଗରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର, ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଗଲା। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର୍, ଆଇସିଟି ଲାବ୍ ଓ ବାଉଣ୍ଡରି ୱାଲର ଉଦ୍‌ଘାଟନ କରାଯାଇଛି। ଏଥିସହ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ପ୍ରତିଷ୍ଠା, ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ସ୍କିଲ ଟ୍ରେନିଂ ଦେବା ପାଇଁ ଡିଏମ୍‌ଏଫ୍ ଖଣି ଶକ୍ତିର ଉଦ୍‌ଘାଟନ ଆଦି କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନୀତିନ୍ କୁଶଲକୁର, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୭,୧୯୦ ନୂଆ ବୁଥ୍‌କୁ ଇସିଙ୍କ ଅନୁମୋଦନ

**ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)**

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକାର ସଂଶୋଧନ(ଏସ୍‌ଆଇଆର୍) ପୂର୍ବରୁ ୭,୧୯୦ଟି ନୂତନ ବୁଥ୍‌କୁ ଭାରତର ନିର୍ବାଚନ ଆୟୋଗ(ଇସି) ଅନୁମୋଦନ କରିଛନ୍ତି। ଏହି ନୂତନ ବୁଥ୍ ସହ ରାଜ୍ୟରେ ବୁଥ୍‌ସଂଖ୍ୟା ୪୫ ହଜାର ୨୫୭ରେ ପହଞ୍ଚିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩୮,୦୬୭ଟି ବୁଥ୍ ଥିଲା। ଏସ୍‌ଆଇଆର୍ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସିଇଓଙ୍କ ତରଫରୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଆୟୋଗଙ୍କ ଅନୁମୋଦନକ୍ରମେ ବୁଥ୍‌ସଂଖ୍ୟା ଏବେ ୪୫ ହଜାର ୨୫୭ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିପାରିବ ବୋଲି ମିଶ୍ର କହିଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶାରେ ଏସ୍‌ଆଇଆର୍ ଲାଗୁହେବା ଲାଗି ଦୀର୍ଘ ୫ ମାସ ଧରି ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ନୂଆପଡ଼ା ଉପନିର୍ବାଚନ ଯୋଗୁ ଏସ୍‌ଆଇଆର୍ ଘୋଷଣା ତାଲିକାରୁ ଓଡ଼ିଶା ରହିଯାଇଥିଲା। ତେବେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିପାରିବେ ନାହିଁ। ତା'ଠାରୁ କମ୍ ରହିଲେ ଚଳିବ, ମାତ୍ର ଅଧିକ ହେବନାହିଁ। ଏନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାକୁ ତାଲିମ୍ ପ୍ରଦାନ କରାଯାଇଥିଲା।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶ୍ରୀ ଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ଉତ୍ସବ ପାଳନ, ସ୍ଥାନ:ଗୋଖିବାବା ଆଶ୍ରମ, ସୁନ୍ଦରପଦା, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଜନମଙ୍ଗଳ ପରିଷଦ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳନ, ସ୍ଥାନ: ଜନ ମଙ୍ଗଳ ପରିଷଦ ଧାରଣାସ୍ଥଳ, ସମୟ: ମଧ୍ୟାହ୍ନ ୧୨ଟା।
- କିଟ୍ ପକ୍ଷରୁ ଚେସ୍ ମହାକୁମ୍ଭ–ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ମେ ଫେୟାର, ଅର୍କିଡ୍ ହଲ୍, ସମୟ: ଅପରାହ୍ନ ୧ଟା।
- ଜନ ନେତ୍ରୀ ବୀଣାପାଣି ଦାସଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦସଭା ଗୃହ, ସମୟ: ଅପରାହ୍ନ ୪ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ବୈଭବ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି ପ୍ରେକ୍ଷାଳୟ, ବାରପଥର, ସମୟ: ସକାଳ ୯ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର–୭ ମର୍କତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଂହନାଥ ଦେବଙ୍କ ପ୍ରସିଦ୍ଧ ମକରମେଳା ଉତ୍ସବ, ସ୍ଥାନ: ସିଂଘନାଥ ଦେବଙ୍କ ମନ୍ଦିର ପରିସର, ଗୋପୀନାଥପୁର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସିଡିଏ ସେକ୍ଟର–୬, ସମୟ: ସନ୍ଧ୍ୟା ୫ଟା ୩୦।

**ଖୋର୍ଦ୍ଧା**
- ମା' ବୁଢ଼ୀ ଭୂୟାଁଣୀ ଦେବୀଙ୍କ ମକର ଉତ୍ସବ, ସ୍ଥାନ: ବୋଲଗଡ଼, ସମୟ: ସକାଳ ୮ଟା।
- ନନ୍ଦିଘୋଷର ମକର ମିଳନ ଅବସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମକର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟେଶ୍ୱର ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଭା, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ଜିଲ୍ଲା କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଜହତା ଚଉଦମାଦଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- କ୍ରିକେଟ୍ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଦପନାୟକାଣୀଙ୍କ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ବଉଳାଶୁଣୀ ପୀଠରେ ମକର ମେଳା, ସ୍ଥାନ: ନିଳୋକ ବଉଳାଶୁଣୀ ପଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ମକର ମେଳା, ସ୍ଥାନ: ବିଦେଇପୁର, ସୁଗୋ, କଇଥା, କୁସୁନିବିନ୍ଧା, ଦଧିବାମନପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।

**ବ୍ରହ୍ମପୁର**
- ଆନ୍ଧ୍ର ମହିଳା ସମାଜର ମକର ସଂକ୍ରାନ୍ତି, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୭ଟା।

**ଗଞ୍ଜାମ**
- ହରିହର ଭେଟ ଏବଂ ମୁଆଁ ଫିଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବାଲିପଦର ମକର ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**
- ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ମିଳନ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ଅଉଖମା, ଭାପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ମହୋତ୍ସବ, ସ୍ଥାନ: ଅଉଖମା ସଦର ବ୍ଲକ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ସାହାଡ଼ା ସୁନ୍ଦରୀ ପୀଠରେ ମକରଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ପୋଙ୍ଗଲ କାର୍ଯ୍ୟକ୍ରମ, ସ୍ଥାନ: ନୋଳିଆସାହି, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା, ଶ୍ରୀଚନ୍ଦ୍ର ମୌଳେଶ୍ୱରୀ ମନ୍ଦିର, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, ସମୟ: ପ୍ରାତଃ ୫ଟା।
- ସାର୍ବଜନୀନ ଗଙ୍ଗାପୂଜା ଓ ମକର ମେଳା, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଓଳାଶୁଣୀ ପୀଠ ପରିସର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଛତ୍ରପତି ଶିବାଜୀ ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ : ଯାଜପୁର ରୋଡ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା୩୦।
- ମକର ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ପଳାଇସ୍ଥିତ ଗଙ୍ଗୀ ପାହାଡ଼, ସକାଳ: ୮ଟା।
- ମହାପୁରୁଷ ହାଡ଼ିଦାସଙ୍କ ୨୫୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚମ୍ପାପୁର, ଛତିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁନ୍ଦରିଆ ପ୍ରିମିୟମ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ସୁନ୍ଦରିଆ ମିନି ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୧ଟା।
- ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଆଲୋଚନାଚକ୍ର, ସ୍ଥାନ: ବୌଦ୍ଧ ପୀଠ ଉଦୟଗିରି, ସମୟ: ଅପରାହ୍ନ ୨ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଲିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ମକର ସକ୍ରାନ୍ତି ଅବସରରେ ଉତ୍ତରାୟଣୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ଅୟମାରମ୍ଭ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ଭୂୟାଁଣୀ ମକରଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ମକରଯାତ୍ରା ଉଦ୍‌ଘାଟନ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳା ଅୟାମ୍ଭରମ୍ଭ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଲିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଲିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସରେ ମ୍ୟାଚ ଏସଟିଏଫସି କାଶ୍ମୀର ବନାମ ସାନ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ମକର ଯାତ୍ରା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା ୩୦।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସନ୍ଧ୍ୟା ୭ରୁ ରାତି ୧୦ଟା।

**ରାୟଗଡ଼ା**
- ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପୋଙ୍ଗଲ ଉପଲକ୍ଷେ ଫ୍ୟାନ୍‌ସି ଡ୍ରେସ ଓ ପାରମ୍ପରିକ ପୋଷାକ ପ୍ରତିଯୋଗିତା, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର ନିକଟ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**
- ଫକୀର ମୋହନ ପାଠଶାଳର ୧୮ତମ ସ୍ୱନକ୍ଷତ୍ର ଦିବସ, ମକର ମିଳନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶହୀଦ ମିନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାପଡ଼ାହାଣ୍ଡି ଆଦିବାସୀ ସଂଗ୍ରାହଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗି ପୋଡା, ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପୋଲିସ ପଡିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋରା ସୁବୁଲାର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୋଡ଼ାଗଡ଼, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।

**ସମ୍ବଲପୁର**
- ସଙ୍କଟମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଦ୍ଧହିଲ ଶ୍ରୀଶ୍ରୀ ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତିନି ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ–୨୦୨୬ ମଥୁରା ନଗରୀ ଓ ଗୋପପୁର କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୯ଟା।
- ଦଲେଇପଡା ହନୁମାନ ମନ୍ଦିର କମିଟି ଆୟୋଜନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା, ସ୍ଥାନ: ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସିଦ୍ଧ ଠେମରା ମେଳା–୨୦୨୬ ଶୁଭାରମ୍ଭ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍.ଏନ୍. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**
- ଦିବ୍ୟକଲ୍ୟାଣମ୍, ସ୍ଥାନ: ଛେଣ୍ଡ ଶ୍ରୀ ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣରେଖା ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମକରପର୍ବ ପାଳନ, ସ୍ଥାନ: ଝିରପାଣି, ସମୟ ପୂର୍ବାହ୍ନ ୧୧ଟା।
- ଧାମରା ସଂଘ ପରିସରରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସବ୍‌ଜୁନିୟର କ୍ରିକେଟ୍ ମ୍ୟାଚ ଉଦ୍‌ଯାପନୀ, ସ୍ଥାନ: ଡିଏଭି ଖେଳପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାନସ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।

**ବରଗଡ଼**
- ବିରାଟ ମକର ମହୋତ୍ସବ, ସ୍ଥାନ: ପୁଡାପାଲି, ବରଗଡ଼,ସମୟ:ଅପରାହ୍ନ ୨ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଲିପାଲି, ବରଗଡ଼, ସମୟ:ଅପରାହ୍ନ ୩ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ,ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଡୁକୁଲୁଣ୍ଡା ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବ ଓ କଳସ ଶୋଭାଯାତ୍ରା, ସ୍ଥାନ: ଡୁକୁଲୁଣ୍ଡା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପ୍ରାତଃ ୫ଟା।
- ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ମକର ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ମକରସଂକ୍ରାନ୍ତି ଅବସରରେ ୨୪ପ୍ରହାର ନାମଯଜ୍ଞ ଆରମ୍ଭ, ସ୍ଥାନ: ପୁଲେଶର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୩ୟ ଦଧିବାମନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସାଗଜୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମକର ମିଳନ ମହୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ବାନରସେନା ପକ୍ଷରୁ ମକର ସଂକ୍ରାନ୍ତି ପାଳନ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।

# ୪ ଦିନରେ କେନ୍ଦ୍ର ଦେଲାଣି ୪,୬୦୦ କୋଟିର ଅନୁଦାନ

**ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)**

ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏଥିପାଇଁ କେନ୍ଦ୍ରୀୟ ଅନୁଦାନର ବଡ଼ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୬ ଜାନୁଆରୀରେ ମାତ୍ର ୪ ଦିନରେ ଯୋଜନାର ଅଂଶଧନ ବାବଦକୁ ୪ ହଜାର ୬୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଏହାକୁ ନେଇ ସରକାରୀସ୍ତରରେ ଚର୍ଚ୍ଚା ଏବେ ଜୋର୍ ଧରିଛି। ପୋଲିସକୁ ଅଧିକ ଗତିଶୀଳ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ଇଂଲିଶ ନୂଆବର୍ଷରେ କେନ୍ଦ୍ର ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାରେ କେନ୍ଦ୍ରୀୟ ଅଂଶଧନ ବାବଦକୁ ଓଡ଼ିଶାକୁ ୪,୬୦୦ କୋଟି ଟଙ୍କାର ଅନୁଦାନ ଆସିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଜାନୁଆରୀ ୯ରେ ୭ଟି ପର୍ଯ୍ୟାୟରେ ପ୍ରାୟ ୪,୫୭୦ କୋଟି ମିଳିଥିବାବେଳେ ଅବଶିଷ୍ଟ ୩୦ କୋଟି ଟଙ୍କା ୧୨ ତାରିଖରେ ମିଳିଛି। ସେଥିମଧ୍ୟରେ ଗୃହବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଅସ୍ତ୍ରଶସ୍ତ୍ରର ଅତ୍ୟାଧୁନିକୀକରଣ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଲାଗି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରଭୃତି ରହିଛି।

ଓଡ଼ିଶାକୁ ଆସିଥିବା କେନ୍ଦ୍ରୀୟ ଅନୁଦାନ ତଥ୍ୟ ଅନୁଯାୟୀ, ଜାନୁଆରୀ ୯ରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପର୍ଯ୍ୟାୟ ଯଥାକ୍ରମେ ୧୭୧୪.୦୯ କୋଟି, ୧୨୮୪.୬୪ କୋଟି, ୧୩୩୯.୩୫ କୋଟି, ୨୧୧.୭୬ କୋଟି, ୪୩.୯୯ କୋଟି, ୬.୬୩କୋଟି ଏବଂ ୧୩ ଲକ୍ଷ ଟଙ୍କା ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୨ରେ ଅବଶିଷ୍ଟ ଅର୍ଥ ଆସିଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ରାଜ୍ୟ ସରକାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍‌ବାଟରେ ଖର୍ଚ୍ଚ କରିବାରେ ସକ୍ଷମ ହେବେ ତେବେ କେନ୍ଦ୍ରୀୟ ଅନୁଦାନ ସେହି ହାରରେ ଅଧିକ ଆସିପାରିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଜନା(ସ୍ପର୍ଶ) ମାଧ୍ୟମରେ ଟଙ୍କାର ଚିକିନିଖି ହିସାବ ରଖାଯାଉଛି। ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କେନ୍ଦ୍ରୀୟ ଅନୁଦାନକୁ କେତେପରିମାଣରେ ଖର୍ଚ୍ଚ କରୁଛି ତାହା 'ସ୍ପର୍ଶ' ମାଧ୍ୟମରେ ସେମାନେ ଅନ୍‌ଲାଇନ ଜରିଆରେ ସେଠାରେ ରହି ଜାଣିପାରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। ଯଦି ଟଙ୍କା ଖର୍ଚ୍ଚରେ ରାଜ୍ୟ ବିଳମ୍ବ କରିବ ତେବେ ଅନୁଦାନ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏହାବାଦ୍ ଯଦି କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ ନ କରି ଏକକ କ୍ଷେତ୍ରୀୟ ଆକାଉଣ୍ଟରେ ଗଚ୍ଛିତ ରଖିବ, ତେବେ ରାଜ୍ୟ ସରକାରଙ୍କୁ ଏହାର ପେନାଲ୍‌ଟି ବାବଦରେ ଦେୟ ଦେବାକୁ ହେବ, ଯାହା ଯୋଜନାର କେନ୍ଦ୍ରୀୟ ଅଂଶଧନରୁ ଆପଣାଛାଏଁ କଟିଯିବ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର ଅନୁଦାନକୁ ନିୟମ ଅନୁଯାୟୀ ଖର୍ଚ୍ଚ କରାଗଲେ ରାଜ୍ୟର ବିକାଶ ଅଗ୍ରଗତି ହୋଇପାରିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଇରାନ୍ ଯୋଗୁ...

ଚାଇନା, ତୁର୍କୀ, ଭାରତ, ୟୁଏଇ, ପାକିସ୍ତାନ ଏବଂ ଆର୍ମେନିଆ ରହିଛି। ତେଣୁ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେଲେ ଭାରତ ପ୍ରଭାବିତ ହେବ। ଆମେରିକା ଭାରତ ଉପରେ ପୂର୍ବରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଛି, ଯାହାକି ବିଶ୍ୱରେ ଅନ୍ୟତମ ସର୍ବାଧିକ। ସେଥିରୁ ୨୫ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ହୋଇଥିବାବେଳେ ରୁଷିଆରୁ ତୈଳ କିଣାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲାଗୁ ହୋଇଛି।

ତେହରାନରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଇରାନକୁ ଭାରତ ଚାଉଳ, ଚା', ଚିନି, ଔଷଧ, କୃତ୍ରିମ ଷ୍ଟାପଲ୍ ଫାଇବର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଓ କୃତ୍ରିମ ଅଳଙ୍କାର ରପ୍ତାନି କରିଥାଏ। ଏହା ବଦଳରେ ସେଠାରୁ ନୂଆଦିଲ୍ଲୀ ଶୁଷ୍କ ଫଳ, ଅଜୈବିକ/ଜୈବିକ ରସାୟନ ଏବଂ ଗ୍ଲାସ୍‌ୱେର ଆମଦାନି କରିଥାଏ। ଅନ୍‌ଲାଇନ ଡାଟା ଭିଜୁଆଲାଇଜେଶନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ପ୍ଲାଟ୍‌ଫର୍ମ ଅବ୍‌ଜରଭେଟୋରି ଅଫ୍ ଇକୋନୋମିକ୍ କମ୍ପ୍ଲେକ୍ସିଟି (ଓଇସି) ଅନୁଯାୟୀ, ୨୦୨୩ରେ ଭାରତ ଇରାନକୁ ୧.୧୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୧.୦୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ସେହିବର୍ଷ ଇରାନକୁ ଭାରତ ୭୩୪ ନିୟୁତ ଡଲାରର ଚାଉଳ, ୯୬.୮ ନିୟୁତ ଡଲାର ମୂଲ୍ୟର ସୋୟାବିନ୍ ମିଲ୍, ୫୨ ନିୟୁତ ଡଲାର ମୂଲ୍ୟର କଦଳୀ ରପ୍ତାନି କରିଥିଲା। ଭାରତ ଏବଂ ଇରାନ ମଧ୍ୟରେ ଅନେକ ହଜାର ବର୍ଷର ପାରସ୍ପରିକ ସମ୍ପର୍କ ରହିଆସିଛି। ଐତିହାସିକ ଏବଂ ସଭ୍ୟତା ସଂଯୋଗର ଶକ୍ତି ସମ୍ପର୍କକୁ ମଜଭୁତ କରିଛି ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ବ୍ୟବସାୟିକ ଏବଂ ଯୋଗାଯୋଗ ସହଯୋଗ, ସଂସ୍କୃତି ଯୋଗୁ ଏହା ବଢ଼ିଚାଲିଛି। ଭାରତ–ଇରାନ ସମ୍ପର୍କର ମୁଖ୍ୟ ବିଶେଷତ୍ୱ ହେଲା ଚାବାହର ବନ୍ଦରର ମିଳିତ ବିକାଶ। ଯୋଗାଯୋଗ ଏବଂ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଇରାନ ଏହି ବନ୍ଦରର ବିକାଶ କରିଛନ୍ତି।

## ଭାରତର ବାସମତି...

ଅନିଶ୍ଚିତତା ବଢ଼ିଚାଲିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ଇରାନକୁ ୪୬୮.୧୦ ନିୟୁତ ଡଲାର ମୂଲ୍ୟର ୫.୯୯ ଲକ୍ଷ ଟନ୍ ବାସମତି ଚାଉଳ ରପ୍ତାନି କରିଥିବା ବାଣିଜ୍ୟ ତଥ୍ୟରୁ ଜଣାପଡ଼ିଛି। ଇରାନକୁ ଭାରତ ସର୍ବାଧିକ ବାସମତି ଚାଉଳ ରପ୍ତାନି କରିଥାଏ। ତେବେ ଚଳିତ ଆର୍ଥିକ ବର୍ଷ ଅସ୍ଥିରତା କାରଣରୁ ଅର୍ଡର ପଠାଇବା ଏବଂ ପେମେଣ୍ଟ ଏବଂ ଶିପ୍‌ମେଣ୍ଟ କାର୍ଯ୍ୟସୂଚୀରେ ଚାପ ବଢୁଥିବା ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ମଣ୍ଡିଗୁଡ଼ିକରେ ସ୍ପଷ୍ଟ ଦେଖିବାକୁ ମିଳିଛି। ସପ୍ତାହେ ହେଲା ଦେଶରେ ବିଭିନ୍ନ ପ୍ରକାର ବାସମତି ଚାଉଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି।

## ୧୮ ସୁଦ୍ଧା ସୁଭଦ୍ରା...

ନୂଆ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

## ରଣ ଶୁଝିବା ପାଇଁ...

ସମ୍ପର୍କରେ ପୁଅବୋହୂଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତାଙ୍କ ଘରେ ବୋହୂ ରୀନାଙ୍କ ମା'(ସମୁଦୁଣୀ) ରହୁଛନ୍ତି। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କରିଛନ୍ତି କିମ୍ବା ମାରି ଦେଇଛନ୍ତି ବୋଲି ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିବା ସାବିତ୍ରୀ କହିଛନ୍ତି। ଏନେଇ ଏକ ମାମଲା(ନଂ.୧୭/୨୬) ରୁଜୁ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଆ ଚାଉଳର ମୁଣ୍ଡି**
**ସମସ୍ତେ ହେଲେ ଶୁକିଲା ଶୁକିଲି**
**ରାନ୍ଧୁଣୀ କରିଚି ଗଣ୍ଡି।**

ରାନ୍ଧୁଣୀ ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର**
**ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଊଣା ହେବନାହିଁ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖି ପାରି ନ ଥିବା ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସୀ ହେବେ। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ସହଯୋଗୀର ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ** — ବନ୍ଧୁଙ୍କ ସାହାଯ୍ୟ,ସହଯୋଗ ଓ ସହାନୁଭୂତି ଆପଣଙ୍କ ଆଶା ଓ କାମନା ପୂରଣ ଦିଗରେ ସହାୟକ ହେବ। ଯେତେ ଭଲ କାମ କଲେ ମଧ୍ୟ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ।

**ମିଥୁନ** — ଆଜି ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଆପଣଙ୍କୁ ନିରୁତ୍ସାହିତ କରିବ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣାଜନିତ ପାରସ୍ପରିକ ବିତର୍କଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** — ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ କାର୍ଯ୍ୟହାସଲ ଦିଗରେ ଅନ୍ତରାୟ ସୃଷ୍ଟି କରିବାର ସୂଚନା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ମନସ୍ଥ କରିବେ। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ** — କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ।

**କନ୍ୟା** — ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଆଜି ଯେକୌଣସି ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ,କଚେରି ମାମଲାରେ ଆଶାଜନକ ଫଳ ପାଇବେ।

**ତୁଳା** — ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଅଭିଯୋଗ ସକାଶେ ଚିନ୍ତିତ ରହିପାରନ୍ତି।

**ବିଛା** — ଅନୁକୂଳଗ୍ରହ ପ୍ରଭାବରେ ଆଜି ଆପଣ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** — କର୍ମକ୍ଷେତ୍ରରେ ସାମ୍ୟତା ଅପରିବର୍ତ୍ତିତ ରହିବା କାରଣରୁ ମାନସିକ ଶାନ୍ତି ଅକ୍ଷୁଣ୍ଣ ରହିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମୂହିକ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** — ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷ ପର୍ଯ୍ୟାୟକୁ ନେବାପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଆପଣଙ୍କୁ କାମରେ ନିୟୋଜିତ କରିବେ।

**କୁମ୍ଭ** — ପାରିବାରିକ ଅସ୍ଥିରତା ଦୂର କରିବାରେ ଶୁଭଚିନ୍ତକ ମାର୍ଗଦର୍ଶକ ସାଜିପାରନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ହଠାତ୍ ବଦଳିଯିବା କାରଣରୁ ଅନେକ ଆଶା ଓ କଳ୍ପନା ମନରେ ଜାଗି ଉଠିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି। ରଚନାତ୍ମକ କାର୍ଯ୍ୟ, ସଙ୍ଗୀତ ସମାରୋହ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହୋଇପାରନ୍ତି।

**ମୀନ** — ଆଜି ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତରଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ। ମକର ସଂକ୍ରାନ୍ତି, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ଶୁକ୍ଳକାଳ ଆରମ୍ଭ, ମକରବୁଡ, ଗଙ୍ଗାସାଗର ସ୍ନାନ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ପୋଙ୍ଗଲ, ଓଳାଶୁଣି ଯାତ୍ରା, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର। ରାଶିନକ୍ଷତ୍ର–ଅନୁରାଧା/ବିଛା, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁ କାଳ।

# ଝିଅ ନେବେ ନିଜ ବିବାହ ନିଷ୍ପତ୍ତି | ସୁସ୍ଥ ବାତାବରଣରେ ସହାୟକ ହେବ

ଝିଅ ବିବାହ ଯୋଗ୍ୟା ହେଲେ, ମା'ବାପାଙ୍କ ମୁଣ୍ଡରେ ଚିନ୍ତା ପଶେ। କିପରି ଭଲ ପାତ୍ର ଦେଖି ଝିଅକୁ ବିବାହ ଦେଇଦେବେ। ଏଇ ଚିନ୍ତାଧାରା କେଉଁ କାଳୁ ଚାଲି ଆସିଛି। କିନ୍ତୁ ଏବେ ସମୟ ପରିବର୍ତ୍ତନ ହେଲାଣି। ଯୁବତୀମାନେ ନିଜେ ଉଚ୍ଚଶିକ୍ଷିତା ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ମା'ବାପାଙ୍କ ପୁରୁଣାକାଳିଆ ମାନସିକତା ଆଉ ଚଳିବ ନାହିଁ। ଝିଅଙ୍କ ଇଚ୍ଛା ବିରୋଧରେ ମା'ବାପା ଚାପ ପକାଇ ବିବାହ ସ୍ଥିର କରିପାରିବେ ନାହିଁ। ଝିଅଙ୍କ ବିବାହ କରିବାକୁ ହେଲେ ତାଙ୍କ ସମ୍ମତି ନିତାନ୍ତ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ମାମଲାର ଶୁଣାଣିରେ ରାୟ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ଇଚ୍ଛା ବିରୋଧରେ ତାଙ୍କ ମା'ବାପା ବିବାହ କରାଇ ଦେଇଥିଲେ। ଝିଅ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ। ତେଣୁ ବିବାହ ପରେ ସେ ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି କହି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ମତକୁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଝିଅମାନେ ନିଜ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭବିଷ୍ୟତ ସୁରକ୍ଷିତ କରିପାରିବେ, ଯାହାକି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



## ସେମାନଙ୍କ ମତରେ...

### ଝିଅମାନେ ସୁରକ୍ଷିତ ଭବିଷ୍ୟତ ସହ ଆତ୍ମନିର୍ଭର ଚାହୁଁଛନ୍ତି



ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ନେଇ ଅଧିକାଂଶ ଝିଅ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ସୁରକ୍ଷିତ ଭବିଷ୍ୟତ ସହିତ ସ୍ୱାଭିମାନ ଓ ଆତ୍ମସମ୍ମାନର ସହ ବଞ୍ଚିବା ଦିଗରେ ଆଜିର ଝିଅମାନେ ସଚେତନ ହେଲେଣି। ବିବାହ ପାଇଁ ସେମାନଙ୍କ ମାନସିକ ପ୍ରସ୍ତୁତି ଓ ମତ ଆବଶ୍ୟକ ମନେହୁଏ। ମାତାପିତା ଏ ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

**– ମୀରା ବେଉରା, ସଙ୍ଗଠନ ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଝିଅର ମତ ନେଇ ଦୁରୁପଯୋଗ କରା ନ ଯାଉ

ଭାରତୀୟ ସଂସ୍କୃତିରେ ବିବାହରେ ଝିଅର ମତ ରହିବା ଜରୁରୀ। ଝିଅର ମତ ବିରୋଧରେ ବିବାହ ହେବା ଦ୍ୱାରା ଉଭୟ ସାଂସାରିକ ଓ ସାମାଜିକ କ୍ଷେତ୍ରରେ ବିଭ୍ରାଟ ଦେଖାଦେଉଛି। ତେବେ ବିବାହ ପାଇଁ କାଗଜକଲମରେ ଝିଅର ମତ ନେଇ ଦୁରୁପଯୋଗ ନ ହେବା ଆବଶ୍ୟକ। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।



**–ସରୋଜିନୀ ମିଶ୍ର, ସମ୍ପାଦିକା, ଅନନ୍ତ ନିର୍ଝର, ମଧୁପାଟଣା, କଟକ**

### ବିବାହ ପୂର୍ବରୁ ମତ ନେବା ଜରୁରୀ



ମା'ବାପା ଝିଅର ବିବାହ ପୂର୍ବରୁ ମତ ନେବା ଉଚିତ। ଆଜିର ସମୟରେ ଝିଅଟିଏ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି। ଏବେକାର ଝିଅ ଅନ୍ୟ ଉପରେ ବୋଝ ହେବାକୁ ଚାହାନ୍ତି ନାହିଁ। ତେଣୁ ଝିଅଟିଏ ବାହାହେବ ବା ନ ହେବ ସେ ଉପରେ ନିଜେ ମତ ରଖିବାର ଅଧିକାର ଝିଅର ରହିଛି। ନଚେତ୍ ସେ ସାରା ଜୀବନ କଷ୍ଟ ପାଇବ।

**– ରତ୍ନମୟୀ ବେହେରା, କର୍ମଜୀବୀ, ନେତାଜୀ ନଗର**

### ଝିଅର ଇଚ୍ଛାକୁ ସମ୍ମାନ ଦେଲେ ଅଦାଲତ



ମା'ବାପା ଝିଅର ଇଚ୍ଛା ବିରୋଧରେ ବିବାହ କରାଇ ଦେବା ପରେ ଝିଅଟି ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ହାଇକୋର୍ଟରେ କହିଲେ। ଏହାକୁ ହାଇକୋର୍ଟ ସମ୍ବେଦନଶୀଳତାରେ ହୃଦୟଙ୍ଗମ କରି ଝିଅର ଇଚ୍ଛାକୁ ସମ୍ମାନ ଦେଲେ। ଏହି ମାମଲାଟିର ପରିଚାଳନାବେଳେ ମୋତେ ଖୁସି ଲାଗିଲା। ଏହା ନିଶ୍ଚିତ ଭାବେ ମା'ବାପାଙ୍କୁ ଝିଅର ବିବାହ ପ୍ରସଙ୍ଗରେ ଅଧିକ ସଚେତନ କରାଇବ ବୋଲି ଆଶା ରଖୁଛି।

**– ସଞ୍ଜୟ ରଥ, ଅତିରିକ୍ତ ସରକାରୀ ଓକିଲ, ଓଡ଼ିଶା ହାଇକୋର୍ଟ**

### ସହମତି ବିନା ବିବାହ ଅଶାନ୍ତି ଆଣିବ

ସବୁ ମା'ବାପା ନିଜ ସନ୍ତାନର ଖୁସି ଚାହାନ୍ତି। ମା'ବାପା ପ୍ରତ୍ୟେକ ପ୍ରସଙ୍ଗରେ ପିଲାମାନଙ୍କ ସହ ଆଲୋଚନାକରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ବିଶେଷ କରି ବୈବାହିକ ପ୍ରସଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝିଅର ସମ୍ମତିରେ ବିବାହ ନ ହେଲେ ତାହା ସମସ୍ତଙ୍କ ପାଇଁ ପାରିବାରିକ ଅଶାନ୍ତି, ସାମାଜିକ ନିନ୍ଦା ଆଣିବାର ଆଶଙ୍କା ରହିଛି।



**– ଅଳକା ମହାନ୍ତି, ଗୃହିଣୀ, ରାଜାବଗିଚା**

### ଝିଅମାନେ ଦୁନିଆକୁ ଜାଣିଲେଣି



ମା'ବାପାମାନେ ଆମକୁ ପାଠ ପଢ଼ାଇ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଉଛନ୍ତି। ସେମାନେ ଆମ ଭବିଷ୍ୟତ ପାଇଁ ସବୁପ୍ରକାର ଚିନ୍ତା କରୁଛନ୍ତି। ଏବେକାର ଝିଅମାନେ ଦୁନିଆକୁ ଜାଣିଲେଣି। ତେଣୁ ବିବାହ କ୍ଷେତ୍ରରେ ବି ମା'ବାପା ଝିଅର ମତ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ସମସ୍ତେ ଦୁଃଖ ପାଇବେ।

**– ଅଙ୍କିତା ରାଉତ, ଛାତ୍ରୀ, ଦେଉଳସାହି, କଟକ**

### ବିବାହ ସଫଳ ପାଇଁ ଝିଅଙ୍କ ମତାମତ ଜରୁରୀ



ଗୋଟିଏ ବାହାଘରକୁ ସଫଳ କରିବା ପାଇଁ ହେଲେ ଅଭିଭାବକମାନେ ନିଜ ଝିଅର ମତାମତ ନେବାର ନିଶ୍ଚିତ ଆବଶ୍ୟକତା ରହିଛି। ଝିଅମାନେ ୧୮ବର୍ଷରେ ଭୋଟ୍ ଦେଇ ଦେଶର ନେତା ବାଛି ପାରୁଛନ୍ତି, ତେଣୁ ନିଜ ପସନ୍ଦରେ ଜୀବନସାଥୀ ବାଛିବା କିମ୍ବା କେବେ ବିବାହ କରିବେ ତାହାର ନିଷ୍ପତ୍ତି ସେମାନେ ନେଇ ପାରିବେ। ଅଭିଭାବକ ହିସାବରେ ସେମାନଙ୍କ ଉପରେ ଚାପ ପକାଇବା ଠିକ୍ ନୁହେଁ। ଯେଉଁ ଝିଅ ପାଠ ପଢ଼ି ନିଜ କ୍ୟାରିୟର ଗଢିବାକୁ ଚାହୁଁଥିବ କିମ୍ବା କେହି କେହି ନିଜ ପସନ୍ଦର ଜୀବନସାଥୀ ବାଛି ସାରିଥିବେ ଏଭଳି ସ୍ଥିତିରେ ମା' ବାପା ତାଙ୍କ ଇଚ୍ଛା ବିରୋଧରେ ବାହା କରିଦେଲେ, ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି ହେବ।

**–ଶୁଭଶ୍ରୀ ଦାସ, ସାମାଜିକକର୍ମୀ, ଭୁବନେଶ୍ୱର**

### ବିବାହ ସମ୍ପର୍କରେ ନିଷ୍ପତ୍ତି ନେବାର ସୁଯୋଗ ମିଳିବା ଉଚିତ୍

ବିବାହ ଏକ ସାମାଜିକ ବ୍ୟବସ୍ଥା, ଜୀବନର ଲକ୍ଷ୍ୟ ନୁହେଁ। ତେଣୁ ଝିଅମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ବିବାହ ନେଇ ନିଷ୍ପତ୍ତି ନେବାକୁ ସୁଯୋଗ ଦେବା ଆବଶ୍ୟକ। ସେହିପରି ସଫଳ ଦାମ୍ପତ୍ୟ ପାଇଁ ଝିଅ ପୁଅ ଏବଂ ଉଭୟ ପରିବାରର ସହମତି ଆବଶ୍ୟକ। ସାଧାରଣତଃ ବିବାହ ବେଳେ ପୁଅର ମତାମତ ନିଆଯାଉଥିବାବେଳେ ଝିଅର ମତ ପଚରାଯାଏନି। ଅନେକ ସମୟରେ ଝିଅଟିଏ କେବଳ ମା' ବାପାଙ୍କ ଚାପରେ ବିବାହ କରିଥାଏ। ଆଜିକାଲିର ଝିଅମାନେ ଉଚ୍ଚଶିକ୍ଷିତା ହେବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ତେଣୁ ନିଜକୁ ସେତିକି ସାମର୍ଥ୍ୟ କରିବା ପାଇଁ ତାଙ୍କୁ ଯେତିକି ସମୟ ଆବଶ୍ୟକ, ମାତାପିତା ହିସାବରେ ତାଙ୍କୁ ସେତିକି ସମୟ ଦେବା ଦରକାର।



**–ନବ କିଶୋର ବେହେରା, ବୁଦ୍ଧିଜୀବୀ, ଭୁବନେଶ୍ୱର**

### ଆମକୁ ଗ୍ରହଣ କରିବାକୁ ହେବ



ବିବାହ ବେଳେ ଝିଅଙ୍କ ସମ୍ମତି ଜରୁରୀ ବୋଲି ଉଚ୍ଚ ଅଦାଲତ ଦେଇଥିବା ରାୟ ପ୍ରଶଂସନୀୟ। ଏହାକୁ ସବୁ ବର୍ଗରେ ସ୍ୱାଗତ କରିବା ଜରୁରୀ। ଏହି ରାୟ ଦ୍ୱାରା ମହିଳାମାନେ ନିଜର ଇଚ୍ଛା ଏବଂ ଅଭିବ୍ୟକ୍ତିକୁ ପରିବାର ନିକଟରେ ଜାହିର କରିପାରିବେ। ବିଶେଷ କରି ଏହାଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନା କମିବ। ତେଣୁ ଏହି ରାୟକୁ ଗ୍ରହଣ କରିବା ସହ ଆମମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ।

**–ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**

## ମ୍ୟୁଜିୟମ ଭଳି ରହିବ ବିଧାନସଭା

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଲୋକସେବା ଭବନ ଓ ବିଧାନସଭା ଗୋଟିଏ କ୍ୟାମ୍ପସ୍‌ରେ ରଖିବେ। ୭୧.୧୩ ଏକର ଜମିରେ ପ୍ରାୟ ୩୬୨୩ କୋଟି ଟଙ୍କା ଖର୍ଚ୍ଚରେ ଏହା ନିର୍ମାଣ କରାଯିବ। ତେବେ ଏତେ ଜମି କେଉଁଠାରୁ ଆସିବ ଏବଂ ଅନେକ ନୂତନ ଅଫିସ୍ ଥିବାବେଳେ ସେଗୁଡିକ ଭାଙ୍ଗିବ ନା ନାହିଁ ତାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଇତିମଧ୍ୟରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନ ମୁଖ୍ୟ ଅଫିସ୍। ଏହିପରି ୩ଟି ପର୍ଯ୍ୟାୟରେ କାର୍ଯ୍ୟ ହେବ। ଲୋକସେବା ଭବନର ମୁଖ୍ୟ ବିଲ୍ଡିଂ କଲେକ୍ଟରମାନଙ୍କ ଯେଉଁ କ୍ୟାମ୍ପ ଅଫିସ୍ ରହିଛି ସେଠାରେ ନିର୍ମାଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବିଲ୍ଡିଂ ପାଇଁ ଯେତିକି ଜାଗା ଆବଶ୍ୟକତା ଅଛି ସେଠାରେ ତାହା ରହିଛି। ଲୋକସେବା ଭବନର ନୂତନ ବିଲ୍ଡିଂ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତା'ପରେ ଧୀରେ ଧୀରେ ଅଫିସ୍‌ଗୁଡିକ ଶିଫ୍ଟିଂ ହେବ। ସେହିପରି ଲୋକସେବା ଭବନ ଏବଂ ବିଧାନସଭା ଭିତରେ ଯେଉଁ ଜାଗା ରହିଛି ତା' ମଧ୍ୟରେ ନୂତନ ବିଧାନସଭା ନିର୍ମାଣ କରାଯିବ। ଏହା ୩୦୦ ଆସନ ବିଶିଷ୍ଟ ହେବ। ହେଲେ ପୁରୁଣା ବିଧାନସଭା ବିଲ୍ଡିଂ ନ ଭାଙ୍ଗି ସେମିତି ରଖାଯିବ। ବିଧାନସଭା ମ୍ୟୁଜିୟମ ଭଳି ରହିବ। ଯଦି ଭବିଷ୍ୟତରେ କେବେ ବିଧାନ ପରିଷଦ ହୁଏ ତେବେ ସେଠାରେ ତାହା ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ପର୍ଯ୍ୟାୟକ୍ରମେ ଯେଉଁ ବିଲ୍ଡିଂଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ବା ଅନ୍‌ସେଫ୍ ହୋଇଯାଇଛି ସେଗୁଡିକ ଭଙ୍ଗାଯିବ। ୯ ତାଲା ବିଲ୍ଡିଂ, ରାଜୀବ ଭବନ ଏବଂ ସେଚ ସଦନକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂଆ କରାଯିବ। ଲୋକସେବା ଭବନର କନ୍‌ଭେନସନ ସେଣ୍ଟର, ଇଆଇସି ଅଫିସ୍ ଏବଂ ଖାରବେଳ ଭବନ ସେମିତି ରହିବ। କୃଷି ଭବନକୁ ମଧ୍ୟ ନ ଭାଙ୍ଗି ସେମିତି ରଖାଯିବ। ପରବର୍ତ୍ତୀ ସମୟରେ ଏଗୁଡିକ ଉପରେ ନିଷ୍ପତ୍ତି ହେବ। ଏହିସବୁ ଅଫିସ୍ ଯେଉଁସବୁ ଅଞ୍ଚଳରେ ରହିଛି ସେଗୁଡିକ ଗୋଟିଏ କ୍ୟାମ୍ପସ୍ ଭିତରେ ରହିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ୧୭ ଯାଏ ଶୀତ ପ୍ରଭାବ

**ଭୁବନେଶ୍ୱର,୧୩।୧ (ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଜାନୁଆରୀ ୧୭ ପର୍ଯ୍ୟନ୍ତ ଶୀତ ପ୍ରଭାବ ରହିବ ଏବଂ ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭, ରାଉରକେଲାରୁ ୭, ଝାରସୁଗୁଡାରେ ୭.୨, ଦାରିଙ୍ଗିବାଡ଼ିରେ ୮, ସେମିଳିଗୁଡାରେ ୮.୧, ଅନୁଗୋଳରେ ୮.୮, କିରେଇରେ ୮.୯, କେନ୍ଦୁଝରରେ ୯.୪, ଚିପିଲିମାରେ ୯.୫ ଏବଂ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।

DADLS-77
ଓଡ଼ିଶା ସରକାର



ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୪.୦୧.୨୦୨୬ (ମକର ସଂକ୍ରାନ୍ତି)
ସକାଳ–ଘ.୮.୩୦ ମିନିଟ୍
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଛକ ଭୁବନେଶ୍ୱରସ୍ଥିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ଣ ୪ ଘଟିକା– ବ୍ୟାସକବିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ–ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସନ୍ଧ୍ୟା – ୬ ଘଟିକା ସାଧାରଣ ସଭା
ସଦୟ ଉପସ୍ଥିତି
ବାଲେଶ୍ୱର ଜିଲ୍ଲାର ବିଧାୟକ ବୃନ୍ଦ
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର–ଭୁବନେଶ୍ୱର
ବିଶିଷ୍ଟ ଅତିଥି
ଡଃ ଅମିୟ ପଟ୍ଟନାୟକ
ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର
ମୁଖ୍ୟବକ୍ତା
ଡଃ ଲଳାଟେନ୍ଦୁ ଦାସ ମହାପାତ୍ର
ପ୍ରାକ୍ତନ ନିର୍ଦ୍ଦେଶକ, ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ଉପସଂହାର ବକ୍ତବ୍ୟ
ଶ୍ରୀଯୁକ୍ତ ଜୀବନ କୁମାର ମହାପାତ୍ର
ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR_

DSPL-476



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ
ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ
ସୂଚନା ଦାତାଙ୍କୁ ପ୍ରୋତ୍ସାହନ
ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ୨୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ୩ଟି କିସ୍ତିରେ ପ୍ରଦାନ କରାଯିବ
ସର୍ତ୍ତାବଳୀ
- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନା ଦାତାଙ୍କୁ ପ୍ରଥମ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ ମାମଲା ରୁଜୁ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- କୋର୍ଟ ମାମଲାର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିରେ ୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନୁହେଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ
ଏହି ଆଇନ ଅନୁଯାୟୀ ସୂଚନା ଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଷଟ୍‌ତଲା ଏକାଦଶୀ, ଓଲାଶୁଣୀ ମେଳା ଓ ହଳ ନିଷେଧ



# ସୋର୍ସ କୋଡ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି। ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍‌ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହାତ୍ମକ ଫୋନ୍‌କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡୁ ଘୋର ବିରୋଧ ହେବାରୁ ସରକାର ବୁଝାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍‌ରେ ଇନ୍‌ଷ୍ଟଲ ବା ଅନ୍‌ଇନ୍‌ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି।

ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

ଏଠାରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳଲେଖା'କୁ ବୁଝାଏ। ଅଧିକ ପ୍ରାଞ୍ଜଳ କରି ବୁଝାଇଲେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍‌କୁ ଏକ 'କମ୍ପାଇଲର୍' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍‌କୁ ଗୁପ୍ତ ରଖିଥାଆନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ ଗୁପ୍ତ କୋଡ୍‌କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ପାଇଗଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍‌ରୁ ସବୁ ତଥ୍ୟ ଉତାରି ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ତଥ୍ୟ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପଟେ ସରକାର ସବୁ ନାଗରିକଙ୍କୁ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

# ତଦନ୍ତ କମିଶନର ପରିଣାମ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅନେକ ସମୟରେ ତଦନ୍ତ କମିଶନ ନିଯୁକ୍ତ କରାଯାଇଥାଏ ଅଧିକୃତ ସଂସ୍ଥା ଦ୍ୱାରା। ଏହି ଯାଞ୍ଚ ଆୟୋଗ ବିଶେଷ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥାଏ। ଯାନବାହନରେ ଦୁର୍ଘଟଣା, ଦୁର୍ନୀତି, ମାନବ ଅଧିକାର ଉଲ୍ଲଂଘନ, ଅର୍ଥନୈତିକ ଅପରାଧ, ଆଇନ ଶୃଙ୍ଖଳା ରକ୍ଷକଙ୍କ ମାତ୍ରାଧିକ ବଳ ପ୍ରୟୋଗ, ବିଭ୍ରାନ୍ତିକର ଗୁଜବ ଇତ୍ୟାଦି ସମସ୍ୟା ଯୋଗୁ ଯେତେବେଳେ ଜନସାଧାରଣ ବିକ୍ଷୁବ୍ଧ, ଆନ୍ଦୋଳନରତ ହୋଇଥାନ୍ତି, ସେମିତି ଅସ୍ୱାଭାବିକ ପରିସ୍ଥିତିରେ ଯାଞ୍ଚ ଆୟୋଗ ଆବଶ୍ୟକ ହୋଇଥାଏ।

ଆୟୋଗ ପାରଦର୍ଶିତା ସହ ନିରପେକ୍ଷ ଭାବେ ପ୍ରସଙ୍ଗର ସତ୍ୟାସତ୍ୟ ନିରୂପଣ କରିବା ଆବଶ୍ୟକ। ତାହାହେଲେ ଏହାର ଅନୁସନ୍ଧାନରୁ ପ୍ରାପ୍ତ ସିଦ୍ଧାନ୍ତ ବିଶ୍ୱାସଯୋଗ୍ୟ ହେବ। ଏହା ଦୋଷୀକୁ ଚିହ୍ନଟ କରିବା ସହ ପୀଡ଼ିତ ପାଇଁ ନ୍ୟାୟ ପ୍ରଦାନ ସକାଶେ ମତ ଦେଇଥାଏ। ଭବିଷ୍ୟତରେ ଏହି ପ୍ରକାର ଅଘଟଣ ଯେମିତି ନ ଘଟିବ, ସେଥି ସକାଶେ ସୁପାରିସ କରିଥାଏ। ଆବଶ୍ୟକ ସ୍ଥଳେ ଆଇନରେ ପରିବର୍ତ୍ତନ, ନୀତିଗତ ସଂଶୋଧନ ଏବଂ ଅନ୍ୟ ପନ୍ଥାମାନ ଉଲ୍ଲେଖ କରିବା ଏହାର ପରିସରଭୁକ୍ତ।

ଆୟୋଗ ଏକ ବା ଏକାଧିକ ସଦସ୍ୟ ବିଶିଷ୍ଟ ହୋଇଥାଏ। ସଦସ୍ୟମାନଙ୍କ ଯୋଗ୍ୟତା ବିଷୟରେ ଧରାବନ୍ଧା ନିୟମ ନ ଥିଲେ ସୁଦ୍ଧା ଦେଖାଯାଏ ଯେ, ନିଯୁକ୍ତିଦାତା ଉପଯୁକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିଥାଏ। ଅଧିକାଂଶ ସ୍ଥଳରେ ସେବାନିବୃତ୍ତ ବା ସେବାରତ ବିଚାରପତି ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ 'ଉପଯୁକ୍ତ' ବୋଲି ବିବେଚନା କରାଯାଇଥାଏ। ତେବେ ଏମିତି କେତେକ ସମସ୍ୟା ପାଇଁ ଆୟୋଗ ଗଠନ କରାଯାଏ, ଯାହା ବିଶେଷଜ୍ଞଙ୍କ ସହାୟତା ଆବଶ୍ୟକ କରେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ଆଇନ, ଅର୍ଥ ଇତ୍ୟାଦି ବିଭାଗରେ କୁଶଳୀ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରିବା ଯଥାର୍ଥ ମନେହୁଏ।

ଲକ୍ଷ୍ୟ କରାଯାଇଛି ଯେ, ଅନେକ କ୍ଷେତ୍ରରେ ଯେଉଁ ମହତ ଉଦ୍ଦେଶ୍ୟ ସକାଶେ କମିଶନ ବସାଯାଇଥାଏ ତାହା ନିଯୁକ୍ତିଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଫଳାଫଳ ବିଷମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ହେଉଛି ଗୋଧ୍ରା ରେଳ ଅଗ୍ନିକାଣ୍ଡ। ୨୭ ଫେବୃୟାରୀ ୨୦୦୨ରେ ସାବରମତି ଏକ୍ସପ୍ରେସ ଟ୍ରେନର ଗୋଟିଏ ଡବାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ (କରସେବକ) ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନରେ ଭାଗ ନେଇ ଗୁଜରାଟର ନିଜ ବାସସ୍ଥାନକୁ ଫେରୁଥିଲା ବେଳେ ଡବାରେ ଅଗ୍ନିକାଣ୍ଡ ଘଟି ସେମାନେ ଜୀବନ୍ତ ଦଗ୍ଧ ହେଲେ, ଅନ୍ୟ କେତେକେ ଆହତ ହେଲେ। ତେବେ ପ୍ରଶ୍ନ ଉଠିଲା ଏହି ଆକସ୍ମିକ ଅଘଟଣ ପଛରେ କାରଣ କ'ଣ? ଜନସାଧାରଣଙ୍କ ମନରେ ବାଦାନୁବାଦ ଦେଖାଦେଲା। ଦଳେ କହିଥିଲେ ଯେ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ କେତେଜଣ ମତ ଦେଲେ ଯେ, ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଅଭିସନ୍ଧି ନଥିଲା। ପ୍ରସଙ୍ଗଟି ଗୁରୁତର ଆକାର ଧାରଣ କଲା, ଯେତେବେଳେ ଏହା ସାମ୍ପ୍ରଦାୟିକ ରୂପ ନେଲା।



ଏତାଦୃଶ ସଂକଟବେଳେ ସତ୍ୟାନୁସନ୍ଧାନ ପାଇଁ ମାର୍ଚ୍ଚ ୨୦୦୨ରେ ପ୍ରଥମେ ଗୁଜରାଟ ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି କେ.ଜି. ସାହା କମିଶନର ଦାୟିତ୍ୱ ବହନ କଲେ। କିନ୍ତୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯିବାରୁ ସୁପ୍ରିମକୋର୍ଟର ସେବାନିବୃତ୍ତ ବିଚାରପତି ଜି.ଟି. ନାନାବତୀ ଏହାର ଚେୟାରମ୍ୟାନ ହେଲେ। ଜଷ୍ଟିସ ନାନାବତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ଜଷ୍ଟିସ ଅକ୍ଷୟ ମେହେଟ୍ଟା ପୂରଣ କଲେ। ୨୦୦୮ରେ ନାନାବତୀ ମେହେଟ୍ଟା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ଏହି ଅଗ୍ନିକାଣ୍ଡକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ବିବେଚନା କରାଗଲା। କିନ୍ତୁ ଏହି ଅଘଟଣର ତଦନ୍ତ ଅନ୍ୟ ଏକ ଦିଗରୁ କରାଯାଇଥିଲା। ୨୦୦୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର ବଦଳି ୟୁପିଏ ସରକାର ଅଧିଷ୍ଠିତ ହେଲା। ରେଳ ବିଭାଗ ଦ୍ୱାରା ଏହାର ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ଜଷ୍ଟିସ ୟୁସି ବାନାର୍ଜୀଙ୍କୁ ନିଯୁକ୍ତ କରାଗଲା। ଏହି କମିଶନର ଅନ୍ତରୀଣ ରିପୋର୍ଟ ଅନୁସାରେ ଅଗ୍ନିକାଣ୍ଡ କୋଚ ଭିତରୁ ସୂତ୍ରପାତ ହୋଇଥିଲା, ବାହାରୁ ନୁହେଁ। ଏହା ଏକ ଦୁର୍ଘଟଣା। ଏହି ପ୍ରକାରେ ଦୁଇଟି କମିଶନ ସମ୍ପୂର୍ଣ୍ଣ ଓଲଟା ମତ ଦେଲେ। ଫଳରେ ଲୋକଙ୍କ ମନରେ ସମ୍ପନ୍ନ ଜାତ ହେଲା ଯେ, କମିଶନର ନିଷ୍କର୍ଷ ମାନ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ତଦନ୍ତ ରିପୋର୍ଟ ବିଷୟରେ ଅବତାରଣା କରାଯାଇପାରେ। ୨୮ ଜାନୁୟାରୀ ୧୯୮୬ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେପ୍ କେନାଭେରାଲ ସମୁଦ୍ର ତଟରୁ ସ୍ପେସ୍ ସଟଲ ଚାଲେଞ୍ଜର ଉତ୍‌କ୍ଷେପଣ କରାଯାଇଥିଲା। କିନ୍ତୁ ମାତ୍ର ୭୩ ସେକେଣ୍ଡ ପରେ ୪୬,୦୦୦ ଫୁଟ ଉପରୁ ଯାନରେ ବିସ୍ଫୋରଣ ଘଟି ସମୁଦ୍ର ବକ୍ଷକୁ ଖସିପଡ଼ିଲା। ସମସ୍ତ ସାତଜଣ ମହାକାଶଯାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟିଲା। ତନ୍ମଧ୍ୟରେ ଥିଲେ ବୋଷ୍ଟନରେ ୧୯୪୮ରେ ଜନ୍ମିତ ଶିକ୍ଷୟିତ୍ରୀ ସେବେନ କ୍ରିଷ୍ଟା, ମଇକ ଆଲିଫ। ତାଙ୍କର ଭୂମିକା ଥିଲା ଅନ୍ତରୀକ୍ଷରୁ ଶ୍ରେଣୀକକ୍ଷ। ପ୍ରୋଗ୍ରାମ ଅନୁସାରେ ପାଠ ପଢ଼ାଇବା। ଏହାଦ୍ୱାରା ମହାକାଶ ବିଜ୍ଞାନ ସମ୍ବନ୍ଧରେ ଜନସାଧାରଣ ବିଶେଷ ଭାବେ ଛାତ୍ର ସମାଜରେ ଆଗ୍ରହ ସୃଷ୍ଟି କରିବା। ଅବଶ୍ୟ ଏତଦବ୍ୟତୀତ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଧୂମକେତୁ ଅଧ୍ୟୟନ ଏବଂ କୃତ୍ରିକ ଉପଗ୍ରହ ସ୍ଥାପନ। ଯୁକ୍ତରାଷ୍ଟ୍ର ମହାକାଶ ଅଭିଯାନରେ ଏତାଦୃଶ ଦୁର୍ଘଟଣା ହେଉଛି ପ୍ରଥମ। କହିବାବାହୁଲ୍ୟ ଯେ ୧୯୭୮ ହିସାବନୁଯାୟୀ ଏହାର ନିର୍ମାଣ ପାଇଁ ୧.୭ ବିଲିୟନ( ଏକ ବିଲିୟନ ହେଉଛି ୧୦,୦୦୦ ଲକ୍ଷ) ଆମେରିକୀୟ ଡଲାର ବିନିଯୋଗ ହୋଇଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ନାସା ତରଫରୁ ତଦନ୍ତ କମିଶନ ବସାଗଲା। ଏହା ଚରାଜେରସ କମିଶନ ଭାବେ ନାମିତ ହେଲା। ନୋବେଲ ବିଜେତା ରିଚାର୍ଡ ଫାଇନ୍‌ମ୍ୟାନ (୧୯୧୮ ରୁ ୧୯୮୮) ଏହାର ସଦସ୍ୟ ଥିଲେ। ନାସାର ଉଚ୍ଚ ମର୍ଯ୍ୟାଦା ରକ୍ଷା କରିବାକୁ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଚେଷ୍ଟା କଲେ। କିନ୍ତୁ ଫାଇନ୍‌ମ୍ୟାନ ମିଳିତଭାବେ ସତ୍ୟ ପ୍ରକାଶ କରିବାକୁ ଚାହିଁଲେ। ତାଙ୍କ କଟୁ ମନ୍ତବ୍ୟ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅନ୍ୟମାନଙ୍କୁ ସେ ବାଧ୍ୟ କଲେ। କିନ୍ତୁ ତାହା ଗ୍ରହଣ ନ କରିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ନାସାର ତ୍ରୁଟିକୁ ପ୍ରକାଶ କଲେ। ସେ ଜଣାଇଲେ ଯେ ଦୀର୍ଘଦିନ ଧରି ଇଞ୍ଜିନିୟରମାନେ ସେହି ଯାନରେ ବ୍ୟବହୃତ ରବର ଓ ରିଙ୍ଗ ଏବର ମୁଡ଼ିପରି ଗୋଲାକାର। ସେ ବିପରୀତରେ ମତ ଦେଉଥିଲେ କାରଣ ତାହା ଅନ୍ତରୀକ୍ଷରେ ନିମ୍ନ ତାପମାତ୍ରା ଯୋଗୁ କଠିନ ହୋଇ ଫାଟିଯାଇପାରେ କିମ୍ବା ରନ୍ଧ୍ର ଜାତ ହୋଇପାରେ। ଫଳରେ ଉତ୍ତପ୍ତ ଦହନଶୀଳ ଗ୍ୟାସ ଛିଦ୍ରବାଟେ କ୍ଷରଣ ହୋଇ ଗ୍ୟାସ ଟାଙ୍କିକୁ ଜଳାଇବ। ଏଣୁ ବିସ୍ଫୋରଣ ଘଟିବ।

ଓ୍ୱାରିଙ୍ଗ ଖୁବ୍ ଶସ୍ତା। ପାଇପ ମିସ୍ତ୍ରି ଦୁଇଟି ପାଇପକୁ ଦ୍ରୁତ ଭାବେ ସଂଯୋଗ କରିବାକୁ ଏହା ବ୍ୟବହାର କରିଥାନ୍ତି। କିନ୍ତୁ ନାସା-କର୍ତ୍ତୃପକ୍ଷ ଏହାର ଭୂମିକା ପ୍ରତି ହେୟଜ୍ଞାନ କରି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଗଲା। ଅବଶ୍ୟ ଫାଇନମେନଙ୍କ ମତକୁ ପରେ ଗ୍ରହଣ କରାଗଲା। ପ୍ରକାଶଥାଉକି ସେତେବେଳେ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମରଣ ଥିଲା ଅଳ୍ପ ଦୂରରେ। ବିଭିନ୍ନ ଯାଞ୍ଚ ଆୟୋଗର ସଦସ୍ୟମାନେ ଫାଇନମ୍ୟାନଙ୍କ ପରି ନିରପେକ୍ଷ, ନିର୍ଭୀକ, ସାଧୁ ହୁଅନ୍ତେ କି! ଦୁଃଖର ବିଷୟ ଯେ, ଉଦ୍ଦେଶ୍ୟପ୍ରଣୋଦିତ ନିଯୁକ୍ତିଦାତା ଯେଉଁ ଯାଞ୍ଚ ଆୟୋଗ ଗଠନ କରିଥାନ୍ତି, ତାଙ୍କୁ ସୁହାଇବା ପରି ରିପୋର୍ଟ ପ୍ରସ୍ତୁତ କରାଯାଏ; ତାହା ସାଧାରଣରେ ଅଗ୍ରହଣୀୟ ହୋଇଥାଏ। ପରିଣାମବଶତଃ ଖୋଦ ଯାଞ୍ଚ ଆୟୋଗ ବର୍ତ୍ତମାନ ବଦନାମ ତାଲିକାଭୁକ୍ତ ହୋଇଗଲାଣି।

ମୋ:୯୦୭୮୭୪୩୮୪୩

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ



ଅନନ୍ତ ଚରଣ ସ୍ୱାଇଁ

ଅଦ୍ଭୁତ ଏ ଦୁନିଆ। ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ। ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ। ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର, ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦି ଆୟ ଭଲ, ତେବେ ଏହି ଅଭାବ କାହିଁକି?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡ଼ିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚ ମଧ୍ୟ ବଢ଼ିଚାଲେ। ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ। ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ। ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ। ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତୃତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ। ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ। ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।



ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢ଼ୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ।

ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ।

ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ

ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ତ୍ରୁଟିପୂର୍ଣ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଉତ୍ତରପ୍ରଦେଶର ସୋତ ନଦୀ ଗଙ୍ଗାର ଏକ ଉପନଦୀ। ଏହା ସମ୍ଭଲ ଜିଲାର ଜୀବନ ରେଖା। ଏହି ନଦୀ ସମ୍ଭଲର ୫ଟି ବ୍ଲକ୍‌ର ୭୧ଟି ଗ୍ରାମପଞ୍ଚାୟତ ଦେଇ ୧୧୦ କି.ମି. ପ୍ରବାହିତ ହେଉଥିଲା। ସମୟ ସ୍ରୋତରେ ଜବରଦଖଲ ଯୋଗୁ ଏହାର ଧାରା ଅଟକି ଯାଇଥିଲା। ହେଲେ ୨୦୨୨ରେ ମନୀଷ ବଂଶଲ ସମ୍ଭଲର ଜିଲାପାଳ ଭାବେ ଯୋଗ ଦେବା ପରେ ସେହି ବର୍ଷ ଡିସେମ୍ବରରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଲା, ଜୁନ୍ ୨୦୨୩ ମଧ୍ୟରେ ମାତ୍ର ୬ ମାସରେ ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିପାରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆରଇଜିଏ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶ୍ରମଶକ୍ତିକୁ ଆଧାରକରି ସୋତ ନଦୀ ପୁନରୁଦ୍ଧାର ସମ୍ଭବ ହୋଇଛି। ଏବେ ନଦୀ ଅବବାହିକା ଅଞ୍ଚଳରେ ଭୂତଳଜଳସ୍ତର ବୃଦ୍ଧିପାଇବା ସହ ସବୁ ପଞ୍ଚାୟତର ଲୋକ ଜଳସେଚନର ସୁବିଧା ପାଇପାରୁଛନ୍ତି। ଏହା ବ୍ୟତୀତ ମୃତ୍ତିକା ରକ୍ଷା ରୋକିବା ସକାଶେ ୧୦,୦୦୦ ବାଉଁଶ ଚାରା ନଦୀକଡ଼ରେ ଲଗାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଜାନୁଆରୀ ୧୯୭୭

- ଲୋକ ସଭା ସଦସ୍ୟ ମୋହନ ଧରିଆ ଏବଂ ରାଜ୍ୟସଭା ସଭ୍ୟ ଚନ୍ଦ୍ରଶେଖରଙ୍କୁ ଖଲାସ କରି ଦିଆଯାଇଛି।
- ଭାରତର ଅନ୍ୟତମ ଶିଳ୍ପ ସମ୍ରାଟ୍ ସେଠ ରାମକୃଷ୍ଣ ଡାଲମିୟା, ତାଙ୍କର ସାନଭାଇ ଶିଳ୍ପପତି ଜୟଦୟାଲ ଡାଲମିଆ ଏବଂ ଜାମାତା ଶିଳ୍ପପତି ଶାନ୍ତିପ୍ରସାଦ ଜୈନଙ୍କୁ ଚକ୍ରାନ୍ତ, ବିଶ୍ୱାସଭଙ୍ଗ ଓ ଠକେଇ ଅଭିଯୋଗରେ ୨ ବର୍ଷ ସଶ୍ରମ କାରାଦଣ୍ଡ।
- ଜାଏର୍‌ର ପୂର୍ବାଞ୍ଚଳସ୍ଥିତ ନାଉରାଗଙ୍ଗୋ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ଫଳରେ ପ୍ରାୟ ୨୦୦୦ ଲୋକଙ୍କ ପ୍ରାଣହାନି।

## ଚିରନ୍ତନୀ

ଝରଇ ଅହରହ ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତା ପରେ କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | | 2 | 9 |
| | | | | 1 | | | | |
| 9 | | | | 3 | | 6 | | |
| 2 | | | 5 | 9 | | | | 4 |
| | 5 | | | | 2 | | | |
| | 6 | | | | | | 7 | |
| | | 2 | | | 3 | | | |
| | | | | | 7 | | 6 | 1 |
| 1 | | | | | | 4 | 3 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 3 | 5 | 2 | 1 | 4 |
| 3 | 7 | 4 | 2 | 9 | 1 | 8 | 5 | 6 |
| 2 | 1 | 5 | 6 | 8 | 4 | 7 | 9 | 3 |
| 7 | 6 | 1 | 5 | 4 | 2 | 9 | 3 | 8 |
| 5 | 8 | 2 | 9 | 6 | 3 | 1 | 4 | 7 |
| 4 | 3 | 9 | 1 | 7 | 8 | 5 | 6 | 2 |
| 9 | 4 | 3 | 8 | 5 | 7 | 6 | 2 | 1 |
| 6 | 2 | 7 | 4 | 1 | 9 | 3 | 8 | 5 |
| 1 | 5 | 8 | 3 | 2 | 6 | 4 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରୀନ୍ ଷ୍ଟିକର: ଧର୍ମକୁ ଆଖିଠାର

ମହାଶୟ,

ଇ-ଚାଲାଣ ଅଫ୍‌ଲାଇନ ଜରିଆରେ ପୈଠ ବ୍ୟବସ୍ଥା, ଜରିମାନା କୋହଳର ଆଶ୍ୱସ୍ତି ଏବଂ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା, ଜନସାଧାରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳକୁ କେତେଦିନ ଓ କିପରି ସୁସ୍ଥି ଦେଇପାରିବ ଭାବି ବସିଲେ ବୋଧେ ନିରାଶ ହେବାକୁ ପଡ଼ିବ। କେବେ ପ୍ରମାଣପତ୍ର ଓ ଗ୍ରୀନ୍ ଷ୍ଟିକର କ'ଣ 'ଗ୍ରୀନ୍ ଓଡ଼ିଶା, କ୍ଲିନ୍ ଓଡ଼ିଶାର ସ୍ଲୋଗାନକୁ ସମ୍ଭାବନାରେ ରୂପାନ୍ତରିତ କରିବାକୁ ସମର୍ଥ ? ପ୍ରମାଣପତ୍ର ପ୍ରାପ୍ତି ପରେ ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି କ'ଣ ଆଉ ବାୟୁମଣ୍ଡଳକୁ ଧୂଆଁ ଛାଡ଼ିବନି ? ପ୍ରକାଶ ଥାଉକି ସିଏନ୍‌ଜି ଏବଂ ବ୍ୟାଟେରିଚାଳିତ ଯାନ ପ୍ରତ୍ୟକ୍ଷରେ ବାୟୁମଣ୍ଡଳକୁ ଧୂଆଁ ଛାଡ଼ି ଦୂଷିତ ନ କଲେ ବି ଇ-ଯାନ ରିଜେକ୍ଟ (ପରିତ୍ୟକ୍ତ) ବ୍ୟାଟେରି ପରିବେଶ ପ୍ରତିକୂଳ। ଏ ପ୍ରେକ୍ଷାପଟରେ ସବୁ ଯାନ ପାଇଁ ନିୟମ ସମାନ ହେଉ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମଦ ଜବତ, ୨ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** ହଣ୍ଡପା ଓ କିଶୋରନଗର ପୋଲିସ ଚୋରା ମଦ ଜବତ ସହ ୨ ଜଣଙ୍କୁ ଗିରଫ କରିଛି। ହଣ୍ଡପା ପୋଲିସ ଧଉରାଗୋଠ ଗ୍ରାମରେ ଚଢ଼ାଉ କରି ସୁଶାନ୍ତ ବେହେରାଙ୍କ ଘରୁ ୧୦ ଲିଟର ଚୋରା ମଦ ଜବତ ସହ ତାଙ୍କୁ ଗିରଫ କରିଥିଲା। କିଶୋରନଗର ପୋଲିସ ରଣିଆକଟା ଗ୍ରାମରେ ଚଢ଼ାଉ କରି ନିରଞ୍ଜନ ପ୍ରଧାନଙ୍କ ଘରୁ ୭ ଲିଟର ମଦ ଜବତ ସହ ତାଙ୍କୁ ଗିରଫ କରିଥିଲା। କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ଚଢ଼ାଉ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

**ପାଲଲହଡ଼ା,୧୩।୧(ବିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ବ୍ଲକ ବଡିଶୁଆଁ ପଞ୍ଚାୟତକୁ ମଙ୍ଗଳବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଗସ୍ତ କରି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବଡିଶୁଆଁ ଓ ଶ୍ରୀରାମପୁର ଗ୍ରାମରେ ନିର୍ମାଣ ହୋଇଥିବା ୨ଟି ଭୋଗ ମଣ୍ଡପ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ, ସମିତି ସଭ୍ୟ ମଧୁସୂଦନ ସାହୁ, ପାଲଲହଡ଼ା ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳ, ଖେମଲା ମଣ୍ଡଳର ପୂର୍ବତନ ସଭାପତି ଧର୍ମେନ୍ଦ୍ର ସାହୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ମେରାମଣ୍ଡଳୀ ରେଳଷ୍ଟେଶନରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

**ଢେଙ୍କାନାଳ,୧୩।୧(ରତନ ନାୟାର)**

■ରାସ୍ତାରେ ଜମିରହିଥିବା ଜଳ ତୁରନ୍ତ ନିଷ୍କାସନ ହେଉ

■ଟିକେଟ୍ ଆରକ୍ଷଣ ବ୍ୟବସ୍ଥା ପୁନଃ କାର୍ଯ୍ୟକ୍ଷମ ହେଉ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ରେଳଷ୍ଟେଶନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କିନ୍ତୁ କିଛିଦିନ ହେବ ରେଳ ଷ୍ଟେଶନରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ବେଳେ ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଷ୍ଟେଶନ ଉପରେ ଆଖପାଖର ୨୦ଟି ଗ୍ରାମର ଅଞ୍ଚଳବାସୀ ନିର୍ଭରଶୀଳ। ରେଳ ଷ୍ଟେଶନକୁ ଯାଇଥିବା ରାସ୍ତାରେ ଜୁନ, ଜୁଲାଇ ମାସର ବର୍ଷାରତୁ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବାରୁ ଚଳପ୍ରଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ଷ୍ଟେଶନ ଅଞ୍ଚଳରେ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା ବ୍ୟବସ୍ଥା ନ ଥିବାରୁ ଅପରାଧ ବଢ଼ୁଛି। ସେହିପରି ମେରାମଣ୍ଡଳୀ ରେଳ ଷ୍ଟେଶନରେ ବନ୍ଦ ହୋଇଯାଇଥିବା ଯାତ୍ରୀ ଆରକ୍ଷଣ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ଟାଟାଷ୍ଟିଲ ଓ ଜିଏମ୍‌ଆର ଭଳି ବଡ଼ବଡ଼ ଶିଳ୍ପାନୁଷ୍ଠାନ ରହିଛି। ଯାତ୍ରୀଙ୍କ ସୁବିଧା ପାଇଁ ଏହି ରେଳଷ୍ଟେଶନ ବହୁ ଗୁରୁତ୍ୱ ବହନ କରେ। ତେଣୁ ଯେତେ ସମ୍ଭବ ଷ୍ଟେଶନ ରାସ୍ତାରୁ ଜଳ ନିଷ୍କାସନ, ଯାତ୍ରୀଙ୍କ ସୁରକ୍ଷା ଓ ଆରକ୍ଷଣ ବ୍ୟବସ୍ଥା ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୨୮ତାରିଖ ଦିନ ଗଣ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ବରିଷ୍ଠ ସମାଜସେବୀ ଗଙ୍ଗାଧର ସାମଲ, ବିଜୟ କୁମାର ଧଳ, ନରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ, ଆଇନଜୀବୀ ପଙ୍କଜ ଲୋଚନ ସାହୁ, ଖଡଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଲେଇ, ବିଡୋ ସରପଞ୍ଚ ପ୍ରବାସୀ ନାୟକ, ମୋଟଙ୍ଗା ସରପଞ୍ଚ ପୁଷ୍ପଲତା ବେହେରା, ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ, କୁସୁପଙ୍ଗା ସରପଞ୍ଚ ଅନିତା ନାୟକ, ପୂର୍ବତନ ସରପଞ୍ଚ ନରୋତ୍ତମ ରାଉତ, ଗାଲପଡା ସରପଞ୍ଚ ନିର୍ମଦା ସେଠୀ, କନ୍ତିମିଲି ସରପଞ୍ଚ ଝିଲି ସେଠୀ, କୁକୁଟା ସରପଞ୍ଚ ସୃତିମଞ୍ଜରୀ ସାହୁ, ରଞ୍ଜାଗୋଳ ସରପଞ୍ଚଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଲିଖିତ ଭାବରେ ଭାରତ ସରକାରଙ୍କ ରେଳବାଇ ବୋର୍ଡ ଚେୟାରମ୍ୟାନ ଓ ମେମ୍ବରମାନଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏହାର ଏକକିତା ନକଲ କେନ୍ଦ୍ର ସରକାରଙ୍କ ରେଳମନ୍ତ୍ରୀ, ଢେଙ୍କାନାଳ ଏମ୍‌ପି, ହିନ୍ଦୋଳ ବିଧାୟିକା, ପରଜଙ୍ଗ ବିଧାୟକ, ପୂର୍ବତଟ ରେଳବାଇ ଜିଏମ୍, ଖୋର୍ଦ୍ଧାରୋଡ ଡିଆରଏମ୍, ଢେଙ୍କାନାଳ ଜିଲାପାଳ ଓ ମୋଟଙ୍ଗା ଥାନା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

## ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ

**ସନ୍ଥିଛକ,୧୩।୧(ସନ୍ତୋଷ ପରିଡ଼ା)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବଅଁରପାଳ ନଗର ତରଫରୁ ବଅଁରପାଳ ସୋମନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଏବଂ ବନ୍ଦେ ମାତରମ୍ ସାମୂହିକ ଗାନ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଛାତ୍ର ସଂସଦ ସଭାପତି ଦିବ୍ୟରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କମଳଲୋଚନ ନାୟକ, ମୁଖ୍ୟବକ୍ତା ଭାବେ ଏବିଭିପିର ରାଜ୍ୟ ସହ ସମ୍ପାଦକ ଆଶିଷ କୁମାର ବେହେରା ଯୋଗଦେଇ ସଙ୍ଗଠନ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ




୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲାବେଳେ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇଥିଲେ। ଅଧ୍ୟାପକ ବୀରେନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



**ବନ୍ତଳା,୧୩।୧(ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଳାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ରବିବାର ଅନୁଗୋଳ ସଦର ଖଣ୍ଡ ହିନ୍ଦୁ ସମ୍ମିଳନୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଦୁର୍ଗାଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଆଖପାଖ ଅଞ୍ଚଳର ପ୍ରାୟ ୭୦ଟି ଗାଁର ସଭାପତି, ସମ୍ପାଦକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆଗାମୀ ୧୮ ତାରିଖରେ ବନ୍ତଳାସ୍ଥିତ ଶଙ୍ଖପୁର ମଦନମୋହନ ପଡ଼ିଆଠାରେ ହେବାକୁ ଥିବା ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ପଞ୍ଚମହାଯଜ୍ଞର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସଦରଖଣ୍ଡ ହିନ୍ଦୁ ସମ୍ମିଳନୀ ସଞ୍ଚାଳକ ରାମଚନ୍ଦ୍ର ସ୍ୱାଇଁ ଓ ପରିଚାଳନା ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇ ଆଗାମୀ କାର୍ଯ୍ୟସୂଚୀ ପାଇଁ ବିଭିନ୍ନ ବିଭାଗ ବଣ୍ଟନ ହୋଇଥିଲା। ସହ ସଂଯୋଜକ ନାରାୟଣ ସାହୁ, ପ୍ରଭାତ କୁମାର ପ୍ରଧାନ, ବିନୟ କୁମାର ସାହୁ, ମହେଶ୍ୱର ସାହୁ, ପ୍ରଶାନ୍ତ କୁମାର ସାହୁ, ସୁଲଭ ଦେହୁରୀ, ଲକ୍ଷ୍ମଣ ସାହୁ, ଦିଲୀପ କୁମାର ସାହୁ, ପ୍ରସନ୍ନ କୁମାର ନାୟକ, ସରୋଜ କୁମାର ଜେନାଙ୍କ ସମେତ ଆଖପାଖ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କହ୍ନୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା କାମ ନିମ୍ନମାନର ଅଭିଯୋଗ



ନିମ୍ନମାନର ରାସ୍ତା କାମ।

**ବଇଣ୍ଡା,୧୩।୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପଞ୍ଚାୟତର ସତ୍ୟବାଦୀପୁର ଗ୍ରାମ କୋଠଘର ନିକଟରୁ ବାଟ ବାୟାଣୀ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ସତ୍ୟବାଦୀପୁର ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ହେଲେ ଏହି କାମ ଅତି ନିମ୍ନମାନର କରାଯାଉଥିବାରୁ ରାସ୍ତାର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି। କାମରେ ଠିକ୍ ଭାବେ ମେଣ୍ଟାଲ ଦିଆଯାଉ ନ ଥିବାବେଳେ ସିମେଣ୍ଟ ଭାଗ ମଧ୍ୟ ଅଳ୍ପ ଦିଆଯାଉଛି। ଠିକାସଂସ୍ଥା ସହ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁ କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। କାମ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବା ଯୋଗୁ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ କାମକୁ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କହିଛନ୍ତି, ରାସ୍ତାକାମ ସମ୍ପର୍କରେ ତଦନ୍ତ କରାଯିବ।

## ହାତୀ ଆତଙ୍କ ପ୍ରତିବାଦରେ ୩ ଗ୍ରାମବାସୀଙ୍କ ଦ୍ୱିତୀୟ ବୈଠକ

**ବଅଁରପାଳ,୧୩।୧(ସୁବାସ ଚନ୍ଦ୍ର ସାହୁ)**

ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ପାଲାମଣ୍ଡପଠାରେ ହାତୀ ଉପଦ୍ରବ ପ୍ରତିବାଦର ସ୍ଥାୟୀ ପ୍ରତିକାର ନେଇ ତୁଳସୀପାଳ, ଲଙ୍ଗୁଳିଆବେଡା ଏବଂ ଗାରଖାଇ ଗ୍ରାମର ସଭାପତିଙ୍କ ତତ୍ତ୍ୱାବଧାନରେ ରବିବାର ଏକ ବୈଠକ କରାଯାଇ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ ରାସ୍ତାରୋକ ଆନ୍ଦୋଳନର ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଅନୁଯାୟୀ, ବିଗତ ୫ବର୍ଷ ହେଲା ଅଞ୍ଚଳରେ ହାତୀଙ୍କ ଅବାଧ ଚଳପ୍ରଚଳ ଯୋଗୁ ବ୍ୟାପକ ଫସଲହାନୀ, ଜୀବନହାନୀ, ଜୀବିକା ହାନୀ ହେଉଥିବା ଯୋଗୁ ଗ୍ରାମବାସୀ ଅତିଷ୍ଠ ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଫଳରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ପାଇଁ ବିଭାଗୀୟ ଜିଲା ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ ପତ୍ର ଦିଆଯାଇଥିଲା। ସପ୍ତାହକ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଇତି ମଧ୍ୟରେ ୧୫ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ଫଳ ମିଳି ନ ଥିବାରୁ ୩ଗ୍ରାମବାସୀ ପୁନର୍ବାର ବୈଠକ କରିଛନ୍ତି। ବୈଠକରେ ଆସନ୍ତା ଗୁରୁବାର ୩ ଗ୍ରାମର ପ୍ରତିନିଧି ଶେଷଥର ପାଇଁ ଅଧିକାରୀଙ୍କୁ ଦେଖାକରିବେ। ଯଦି କୌଣସି ସନ୍ତୋଷଜନକ ଉତ୍ତର ନ ମିଳେ ତେବେ ରାଜରାସ୍ତା ଅବରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ତୁଳସୀପାଳ ଗ୍ରାମ ସଭାପତି ଉମେଶ ଚନ୍ଦ୍ର ଗଡ଼ନାୟକ, ଲଙ୍ଗୁଳିଆବେଡା ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳ, ଗାରଖାଇ ଗ୍ରାମ ସଭାପତି ଅର୍ଜୁନ କୁମାର ବେହେରା, ମାନବାଧିକାରୀ କର୍ମୀ ଉଦୟନାଥ ଦାଶ, ଅକ୍ଷୟ କୁମାର ବିଶୋୟୀ, ବାଉରୀବନ୍ଧୁ ସାହୁ, ସନ୍ତୋଷ ଦାଶ, କାଶୀ ସାହୁ, ନିମେଁଇ ସାହୁ ଓ ଅଜୟ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବନ୍ତଳା,୧୩।୧(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଅନ୍ତୁଲିଆ ପଞ୍ଚାୟତ ଲକ୍ଷ୍ମଣପୁର ଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ସମ୍ମାନ ଉଦ୍ଦେଶ୍ୟରେ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗଣେଶ୍ୱର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର ସାହୁ, ସାମାଜିକ କର୍ମୀ



କରାଯାଇଥିଲା। ଶିବିରରେ ଅନୁଗୋଳ ରକ୍ତ ଭଣ୍ଡାରର ଡା. କୌଶିକ ପାତ୍ରଙ୍କ ନେତୃତ୍ୱରେ ମୋଟ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଅରୁଣ ଜେନା, କ୍ଷମାସାଗର ପ୍ରଧାନ, ବାଲ୍ମିକୀ ପ୍ରଧାନ, ଦିଲୀପ କୁମାର ପ୍ରଧାନ ଯୋଗଦେଇ ରକ୍ତଦାତାଙ୍କୁ ଗୋଲାପ ଦେଇ ଉତ୍ସାହିତ କରିଥିଲେ। ଆୟୋଜକ ଯୁବଗୋଷ୍ଠୀଙ୍କ ପକ୍ଷରୁ ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ରମାକାନ୍ତ ଦେହୁରୀ, ସଚ୍ଚିଦାନନ୍ଦ ସାହୁ, ସୌର ସାହୁ, ଟୁନା ସାହୁ, ବାପୁନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ଗାଁର ଯୁବକ ଶିବିରକୁ ଆୟୋଜନ କରିବା ସହ ସମସ୍ତ ସହଯୋଗ କରିଥିଲେ।

## ବାଇକ୍ ଜବତ, ୩ ଗିରଫ

**ବଇଣ୍ଡା,୧୩।୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ପାଗବନ୍ଧା ନିକଟରେ ସୋମବାର ହଣ୍ଡପା ପୋଲିସ ଗାଡ଼ି ଯାଞ୍ଚ କରିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଅଞ୍ଚଳର କେଦାର ସ୍ୱାଇଁ, ଠାକୁରଗଡ଼ ଥାନା ଅଞ୍ଚଳର ଅମର ପ୍ରସାଦ ବେହେରା ଓ ପେଡିପଥର ଅଞ୍ଚଳର ନିଶିକାନ୍ତ ସାହୁ। ସେମାନଙ୍କ ୩ଟି ବାଇକ୍‌କୁ ଜବତ କରାଯାଇଛି।


**REQUIRED**

**Female Nurses (DMLT)**

for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999


## ଗୋଲାପ, ଚକୋଲେଟ୍ ଦେଇ କଲେ ସଚେତନ




**ବଅଁରପାଳ,୧୩।୧(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ଥାନା ବଉଲିଗଡ଼ ପଞ୍ଚାୟତ ହାଟ ନିକଟରେ କଳ୍ପତରୁ ପ୍ରୋଜେକ୍ଟ ଇଣ୍ଟରନ୍ୟାଶନାଲ ଲିମିଟେଡ ପକ୍ଷରୁ ୩୭ତମ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରେ କର୍ମଚାରୀମାନେ ବିଭିନ୍ନ ବେଶ ପରିଧାନ କରି ଅମାନିଆ ଗାଡ଼ି ଚାଳକଙ୍କୁ ସଚେତନ କରାଇବା ପାଇଁ ଗୋଲାପ ଫୁଲ ଓ ଚକଲେଟ୍ ପ୍ରଦାନ କରିଥିଲେ। ପ୍ରୋଜେକ୍ଟ ମ୍ୟାନେଜର ଥିରୁମୂର୍ତ୍ତୀ ଏସ, ସେଫ୍‌ଟି ମ୍ୟାନେଜର ଚନ୍ଦନ ମହାନ୍ତି, ଷ୍ଟୋର ଇନ୍‌ଚାର୍ଜ ଚନ୍ଦନ ପାତ୍ର, ସନ୍ତୋଷ ମିଶ୍ର, ସହକର୍ମଚାରୀ ତାପସ କୁମାର ପଟ୍ଟନାୟକ ଓ ଗୌରୀଶଙ୍କରଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନରୋତ୍ତମ ସ୍ୱାଇଁଙ୍କ ଏକାଦଶାହରେ ଯୋଗଦେଲେ ବିଧାୟିକା

**ଓଡ଼ାପଡ଼ା,୧୩।୧(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ଗ୍ରାମର ନରୋତ୍ତମ ସ୍ୱାଇଁଙ୍କ ପରଲୋକ ଘଟିଥିଲା। ତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଯୋଗଦେଇ ପରିବାରଙ୍କୁ ସମବେଦନା ଜଣାଇଥିଲେ। ବିଧାୟିକାଙ୍କ ସହିତ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ପତି, ଉପସଭାପତି ବରୁଣ କୁମାର ସର, ଭାଜପା ନେତା ମନୋଜ କୁମାର ମହାରଣା, ତପନ କୁମାର ମହାପାତ୍ର, ସତ୍ୟ ସ୍ୱରୂପ ମିଶ୍ର, ସନ୍ତୋଷ ନାଏକ, ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଣସିଂହ କଲେଜରେ ବନ୍ଦେ ମାତରମ୍ ଗାନ

**ଢେଙ୍କାନାଳ,୧୩।୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ସୋମବାର ବନ୍ଦେ ମାତରମ ଗାନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବଟକୃଷ୍ଣ ଦାସ ସଂଯୋଜନା କରିଥିଲେ। ଇଂଲିଶ୍ ଅଧ୍ୟାପକ ଡ. ସତ୍ୟ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest for engagement as PMC for Construction of different buildings at G.M University, Sambalpur

Advt. No. 121/GMU Date 13.01.2026

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website www.gmuniversity.ac.in for details. The last date of submission of EoI is 12.02.2026.

Sd/-
Registrar

Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest (EoI) for Empanelment of Vendors for Supply of various items/services

Advt. No. 125/GMU Date 13.01.2026

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website www.gmuniversity.ac.in for details. The last date of submission of EoI is 22.01.2026.

Sd/-
Registrar

No. O-2035 GOVERNMENT OF ODISHA eerwbnjr@gmail.com
OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
NATIONAL COMPETITIVE BIDDING THROUGH e-Procurement
Ltr. No. 114 Identification No. Online Tender/24/RWDBNJ/2025-2026 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: www.tendersodisha.gov.in.
OIPR- Sd./- Executive Engineer, R.W. Division, Bhanjanagar

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
2nd Corrigendum Notice
2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur

**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।

ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ
ରାଇରଙ୍ଗପୁର ବନଖଣ୍ଡ

PARADIP PORT AUTHORITY
Tender No.ENG/CE/1523/NDC3/2024/375 Dt.08.01.2026
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: **ଟ.14,000-15,000/-**। ରହିବା ଓ ଖାଇବା ସୁବିଧା ଦିଆଯିବ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ ନିମନ୍ତେ ୦୫ (ପାଞ୍ଚ) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬। କାର୍ଯ୍ୟର ବର୍ଣ୍ଣନା: ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରସ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬। କାର୍ଯ୍ୟର ବର୍ଣ୍ଣନା: ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭। କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬। କାର୍ଯ୍ୟର ବର୍ଣ୍ଣନା: ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦। ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୧୦।୦୨।୨୦୨୬ରିଖ ୧୫.୦୦ ଘଣ୍ଟିକା (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ରେ ଦେଖାଯାଇପାରିବ। (PR-1054)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-BG-PURI-42-2026

କାର୍ଯ୍ୟର ନାମ : 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
ଟେଣ୍ଡର ମୂଲ୍ୟ : ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 84,56,508/-, EMD : ₹1,69,100/-, ଶେଷ ହେବା ଅବଧି : 08 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

See Career Appointment on every Wednesday & Saturday

# ୨୦୩୦ ସୁଦ୍ଧା ୧୦ କାର୍ ଲଞ୍ଚ୍ କରିବ ହୋଣ୍ଡା

## ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଫ୍ଲାଗ୍‌ଶିପ ଗ୍ରେଡ୍ ଏକ ଅଧିକ ସ୍ପୋର୍ଟି ଓ ସ୍ୱତନ୍ତ୍ର ଲୁକ୍‌ରେ ଏଲିଭେଟ୍‌ର ମଜଭୁତ ଡିଜାଇନ, ଉତ୍ସାହଜନକ ଆଇ-ଭିଟିଇସି ପ୍ରଦର୍ଶନ ଓ ଆଡ୍‌ଭାନ୍ସଡ ହୋଣ୍ଡା ସେନ୍ସିଂ ସେଫ୍ଟି ଫିଚରଗୁଡିକୁ ଏକତ୍ରିତ କରିଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ ଓ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ବିବେକ ସିଂହ ବିସ୍ତୃତ ସୂଚନା ଦେଇଛନ୍ତି। କୁନାଲ କହିଛନ୍ତି, ଭୁବନେଶ୍ୱର ଭଳି ବଜାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ହୋଣ୍ଡା ସିଟି, ହୋଣ୍ଡା




ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ ଅବସରରେ କୁନାଲ ବେହେଲ ଓ ବିବେକ ସିଂହ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

ଏଲିଭେଟ୍ ଓ ହୋଣ୍ଡା ଆମେଜ ସମେତ ଆମର ସମସ୍ତ ମଡେଲକୁ ଓଡ଼ିଶାରେ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ନୂଆ ଏଲିଭେଟ୍ ଏଡିଭି ଏଡିଶନ ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

୨୦୩୦ ସୁଦ୍ଧା ୭ଟି ଏସ୍‌ୟୁଭି ସମେତ ୧୦ଟି ଲଞ୍ଚ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଚ୍‌ସିଆଇଏଲ୍‌ର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ ଯାନ ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ୨୦୨୬-୨୭ ଆର୍ଥିକ ବର୍ଷର ୨ୟ ଭାଗରେ ଶୁଭାରମ୍ଭ କରାଯିବ । ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ। ହୋଣ୍ଡାର 'ମେକ୍ ଇନ୍ ଇଣ୍ଡିଆ' ଲକ୍ଷ୍ୟକୁ ସୁଦୃଢ଼କରି ହୋଣ୍ଡା ୦ (ଆଲ୍‌ଫା)କୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବ ଏବଂ ଅନ୍ୟ ଅନ୍ତର୍ଜାତୀୟ ବଜାରଗୁଡିକୁ ରପ୍ତାନି କରାଯିବ। ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ସଂସ୍କରଣର ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମ୍‌ଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା (ଏକ୍ସ ଶୋ'ରୁମ୍) ରହିଥିବାବେଳେ ଡୁଆଲ-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଆଣ୍ଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ। ଏଲିଭେଟ୍ ଏଡିଭିରେ ଉଭୟ ଏକ୍ସଟେରିୟର ଓ ଇଣ୍ଟେରିୟର ପରିବର୍ତ୍ତନ କରାଯାଇଛି। ଏକ୍ସଟେରିୟର ଡିଜାଇନ ବୋଲ୍ଡ ଏକ୍ସକ୍ଲୁସିଭ ଅପ୍‌ଗ୍ରେଡ୍ ହାସଲ କରିଛି।

# ବଢୁଛି ବିଏମ୍‌ଡବ୍ଲ୍ୟୁ ଚାହିଦା

## ରେକର୍ଡ ସଂଖ୍ୟକ ବିକ୍ରି

ଭୁବନେଶ୍ୱର,୧୩।୧
(ଅନୁରାଧା ମହାରଣା)

ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ରେକର୍ଡ କରିଛି। କମ୍ପାନୀ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ବିଏମ୍‌ଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭରି କରିଛି। ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ୫,୮୪୧ ମୋଟରସାଇକେଲ ଡେଲିଭର କରିଛି। ତ୍ରୈମାସିକ ୪(ଅକ୍ଟୋବର- ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା ୧୭% ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି, ଇଣ୍ଟରନାଲ କମ୍ବସନ ଇଞ୍ଜିନ ହେଉ କିମ୍ବା ଇଲେକ୍ଟ୍ରିକ ଭେହିକଲ, ଏସ୍‌ଏଭି କିମ୍ବା ସେଡାନ କିମ୍ବା ଲଙ୍ଗ୍ ହୁଇଲବେସ୍ ମଡେଲ ସେଗ୍‌ମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧିପାଉଛି। ସୂଚନା ଥାଉକି, ୨୦୨୫ ମସିହାରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ଆଗ୍ରେସିଭ ପ୍ରଡକ୍ଟ ଅଫେନ୍ସିଭ ଆରମ୍ଭକରି ୨୦ଟି ନୂତନ ଉତ୍ପାଦ ଲଞ୍ଚ କରିଥିଲା।

# ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ



ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରାଙ୍କ ସମେତ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ), ଗୃହ ମନ୍ତ୍ରଣାଳୟର ଅନୁସନ୍ଧାନ ଅଧିକାରୀ ଓମ୍‌ପ୍ରକାଶ ପ୍ରସାଦ ରାଜଭାଷା ସହ ଜଡ଼ିତ ଆଇଟି ଉପକରଣର ବ୍ୟବହାର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ମଉ ମିତ୍ରା ଉପସ୍ଥିତ ରହି ବ୍ୟାଙ୍କ ଅଫ୍ ଇଣ୍ଡିଆ, ପ୍ରଧାନ କାର୍ଯ୍ୟାଳୟକୁ ସମ୍ବୋଧିତ କରିଥିଲେ ଏବଂ କେନ୍ଦୁଝର ଅଞ୍ଚଳ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ବେହେରା ହିନ୍ଦୀ କେବଳ ଆମର ରାଜଭାଷା ନୁହେଁ ବରଂ ଭାରତର ସାଂସ୍କୃତିକ ଏକତା ଏବଂ ପରିଚୟ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି କହିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତାକରି କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ସହ ଗୁରୁଙ୍କ ପାଖରେ ସମର୍ପଣ ଭାବ ଦ୍ୱାରା ଚରିତ୍ର ଗଠନ ସହ ରାଷ୍ଟ୍ରଗଠନ ସମ୍ଭବ। ମୁଖ୍ୟବକ୍ତା ଭାବେ ଭାରତୀୟ ଦର୍ଶନଶାସ୍ତ୍ର ସମାଜର ବରିଷ୍ଠ ସଦସ୍ୟ ତଥା ଏକାମ୍ର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବିଶିଷ୍ଟ ବକ୍ତା ଡ. ନିରଞ୍ଜନ ପାଢ଼ୀ ମଣିଷ ଭିତରେ ଈଶ୍ୱର ସତ୍ତାକୁ ଉପଲବ୍ଧ କରିବା, ନିଜେ ନିଜର ପରିଚୟ ସୃଷ୍ଟିକରିବା, ମାନବତାବାଦକୁ




ବଜାୟ ରଖିବା ପାଇଁ କହିଥିଲେ। ନିଜର ଧୀମତ୍ତାକୁ ପରିମାର୍ଜିତ କରି ବିବେକହୀନ ହେବା ପରିବର୍ତ୍ତେ ଈଶ୍ୱର ପୂଜାକୁ ପଛକରି ମାନବ ସେବାରେ ସମର୍ପଣ ଭାବ ରଖିପାରିଲେ ଭାରତ ବିଶ୍ୱଗୁରୁ ହେବା ସହ ୟୁଥ୍ ଫର୍ ଇଣ୍ଡିଆ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବଡଲୋକ ହେବା ପଛରେ ନ ଗୋଡାଇ ଭଲ ଲୋକ ହେବାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।

# ନ୍ୟୁ ସେଲ୍ଟସ ଅନାବରଣ କଲା ତୃପ୍ତି କିଆ

ଭୁବନେଶ୍ୱର,୧୩।୧
(ଅନୁରାଧା ମହାରଣା)

କିଆ ମୋଟର୍ସର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟସ ଭୁବନେଶ୍ୱରସ୍ଥିତ ତୃପ୍ତି କିଆରେ ଅନାବରଣ କରାଯାଇଛି। ନୂଆ ସେଲ୍ଟସ ୮ଟି ଭେରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନର ବିକଳ୍ପ ଦିଆଯାଇଛି। ଏହି ମଡେଲ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର ସିଟ୍ ସହିତ ମେମୋରି ଫଙ୍କସନ, ଏଲଇଡିଡିଆର୍‌ଏଲ୍. ସହିତ ୱେଲ୍‌କମ୍




ଫଙ୍କସନ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ମୂଳ ଭାରିଆଣ୍ଟରୁ ହିଁ ଅଟୋମେଟିକ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ ଭଳି ସୁବିଧା ରହିଛି। ଅନାବରଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବରେ ଯୋଗଦେଇଥିବାବେଳେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି, ନ୍ୟୁ ସେଲ୍ଟସର ଡିଜାଇନ, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସ୍‌ୟୁଭି ହେବ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରୁଦ୍ରନାରାୟଣ ସାମନ୍ତରାୟ ଏବଂ ଜେନେରାଲ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।

# ୬ ଅଭିଯୁକ୍ତଙ୍କ ଜାମିନ ରାୟ ସଂରକ୍ଷିତ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୩।୧
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଛି। ବ୍ରହ୍ମପୁରସ୍ଥିତ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଏବଂ ଶିଶୁପାଳ କୁମାର ପାଶ୍ୱାନଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି। ରାୟ ସଂରକ୍ଷିତ ରହିଥିବା ବେଳେ ଆସନ୍ତା ୧୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି।

୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ରହିଛନ୍ତି।

# ଭଡ଼ାଘରେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

ବେତନଟୀ, ୧୩।୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନରେ ରହୁଥିବା କେସିପୁର ପୋଲିସ ଫାଣ୍ଡିରେ ଜଣେ କନଷ୍ଟେବଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜୀବ କୁମାର ଭୂୟାଁ, ତାଙ୍କ ଘର ରାସଗୋବିନ୍ଦପୁର ଥାନା ପାଇକସାହି ଗ୍ରାମରେ। ସେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ କନଷ୍ଟେବଲ ଥିଲେ। ଫାଣ୍ଡିଠାରୁ ୧୦୦ମିଟର ଦୂର ଏକ ଭଡ଼ା ଘରେ ଏକାକୀ ରହୁଥିଲେ। ଏହି ଭଡ଼ା ଘର କବାଟ ଭିତରପଟୁ ବନ୍ଦ ଥିଲା। ତାଙ୍କୁ ଡାକିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଶୁଣିବାରୁ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣା ସୋମବାର ରାତିରେ ଘଟିଥିବା ସନ୍ଦେହ କରାଯାଉଛି। ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତ କରିଥିଲେ। ଏହି ସମୟରେ ମୃତ କନଷ୍ଟେବଲଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ଉପସ୍ଥିତ ଥିଲେ। ବେତନଟୀ ପୋଲିସ ଶବ ଜବତ ପରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦୨୬) ରୁଜୁ କରିଛି। ପୋଲିସର ତଦନ୍ତ ଚାଲୁ ରହିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

# ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଅବକାରୀ ଓ ପୋଲିସର ଚଢ଼ାଉ

ପରଜଙ୍ଗ, ୧୩।୧
(ନିଗମାନନ୍ଦ ଦଳବେହେରା):

ଢେଙ୍କାନାଳ ଜିଲା ପରଜଙ୍ଗର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଭୋର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପୋଲିସ ଏବଂ ଅବକାରୀ ଟିମ ଏକକାଳୀନ ଚଢ଼ାଉ କରିଛନ୍ତି। ଚଢ଼ାଉ ବେଳେ ୨ ହଜାରରୁ ଊର୍ଦ୍ଧ୍ୱ ଲିଟର ଦେଶୀ ରନ୍ଧା ମଦ ସହ ୩୦ ହଜାର ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ପରଜଙ୍ଗ ଅବକାରୀ ଥାନା ଅନ୍ତର୍ଗତ କଲଦା, କଙ୍କଡାସୋଢ଼ା, ଆମ୍ବପଳାସ ଓ ସେବାଗ୍ରାମରେ ଚଢ଼ାଉ କରାଯାଇଛି। ଏହି ବଡ଼ ଧରଣର ଚଢ଼ାଉରେ ମାଜିଷ୍ଟ୍ରେଟ ଭାବେ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କ ସମେତ କାମାକ୍ଷାନଗର, ପରଜଙ୍ଗ, ଭୁବନ, ଢେଙ୍କାନାଳ ଅବକାରୀ ଟିମ, ପରଜଙ୍ଗ ପୋଲିସ ଓ ପୋଲିସ ଫୋର୍ସ ସାମିଲ ଥିଲେ। ତେବେ ଜଙ୍ଗଲ ଭିତରେ ମଦର ଭୂସ୍ୱର୍ଗକୁ ଦେଖି ଅଧିକାରୀମାନେ ପ୍ରଥମେ



## ୨ ହଜାର ଲିଟର ଦେଶୀମଦ ସହ ୩୦ ହଜାର ଲିଟର ପୋଚ ନଷ୍ଟ

ତାଜୁବ ହୋଇଯାଇଥିଲେ। ଚଢ଼ାଉ ବେଳେ ମଦ ମାଫିଆମାନେ ଫେରାର ହୋଇଯାଇଥିଲେ। ଆମ୍ବପଳାସ ସେବାଗ୍ରାମ ଗାଁ ପାଖ ଜଙ୍ଗଲରେ ମଦ ତିଆରି ହାଟକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି ମିଳିତ ଟିମ। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ, ମଦ ମାଫିଆମାନେ ସରକାରୀ ଯାଗା ଓ ସଂରକ୍ଷିତ ଜଙ୍ଗଲରେ ଶତାଧିକ ଗଛ କାଟି ଦେଶୀ ମଦର ଭୂସ୍ୱର୍ଗ ତିଆରି କରିଛନ୍ତି। ତୁରନ୍ତ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଚଢ଼ାଉରେ ପରଜଙ୍ଗ ଅବକାରୀ ଥାନା ଅଧିକାରିଣୀ ବାସନ୍ତୀ ବାକ୍ଲି, ପରଜଙ୍ଗ ଥାନା ଏଏସଆଇ ଜଳନ୍ଧର ବାରିକ, କାମାକ୍ଷା ଅବକାରୀ ଅଧିକାରୀ ପ୍ରକାଶ ସାହୁ, ଭୁବନ ଅବକାରୀ ଅଧିକାରୀ, ଢେଙ୍କାନାଳ ସଦର ଅବକାରୀ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ।

## ଅପରାଧ

# ୫ ପରୀକ୍ଷାର୍ଥୀଙ୍କୁ ସିବିଆଇ ଜେରା

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତାର ତଦନ୍ତକୁ ଅଧିକ ତ୍ୱରାନିତ କରିଛି। ମଙ୍ଗଳବାର ସିବିଆଇ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଓପିଆର୍‌ବି ଏବଂ ସିଲିକନ୍ ଟେକ୍ ଲାବ୍‌ର ଗୁପ୍ତ ସମ୍ପର୍କ ବିଷୟରେ ଜାଣିବା ପାଇଁ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଥିଲା। ଏହି ୫ ଜଣକୁ ହାଜର ହେବାକୁ ସିବିସିଆଇବି ପକ୍ଷରୁ ସମନ ହୋଇଥିଲା। ୩ଜଣ ପରୀକ୍ଷାର୍ଥୀଙ୍କ ସହ ଆଉ ଦୁଇଜଣ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ସିବିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ପ୍ରଥମେ ପୋଲିସ ତଦନ୍ତ କରି ୧୧୭ ଜଣଙ୍କୁ ଗିରଫ କରିଥିଲା। ହେଲେ ମାମଲା ଅତି ସଙ୍ଗୀନ ଥିବାରୁ ଏହାକୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ ରାଜ୍ୟ ସରକାର। ସିବିଆଇ ଘଟଣାର ତଦନ୍ତ କରି ଆଉ କିଛି ଅଭିଯୁକ୍ତଙ୍କୁ ବାନ୍ଧିଥିଲା। ଦୀର୍ଘ ଦିନର ତଦନ୍ତ ପରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଯେଉଁଥିରେ ୧୬ଜଣଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିବା ସିବିଆଇ ଦର୍ଶାଇଛି। ଏହି ଚାର୍ଜଶିଟ୍‌ରେ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ସୌମ୍ୟା ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା , ବିରଞ୍ଚି ନାୟକ, ନୀତିଶ କୁମାର ସମେତ ଅନେକ ରହିଛନ୍ତି। ତେବେ ଚାର୍ଜଶିଟ୍ ଦାଖଲ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଜାଲିଆତି ମାମଲାରେ ବଡ଼ ଗେମ କରିଥିଲେ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଦେଇଥିଲା। ଏନେଇ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ କରି ନ ଥିଲା।

# ଆଶିଷଙ୍କ ପରେ ଦିଲ୍ଲୀପଙ୍କ ସମ୍ପତ୍ତି ଅଚଳ କଲା ପୋଲିସ

ଫୁଲବାଣୀ, ୧୩।୧
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପ୍ରଥମେ ଖଜୁରିପଡା ବ୍ଲକ ତିଲକପଡାର ଆଶିଷ ଦିଗାଲଙ୍କ ସମ୍ପତ୍ତିକୁ ପୋଲିସ ଅଚଳ କରିଥିଲା। ଏବେ ପୁଣି ଜଣେ ଗଞ୍ଜେଇ ଚାଲାଣକାରୀ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଗଡ଼ସାହି ଆଠଗଡପାଟଣାର ଦିଲ୍ଲୀପ ଗୌଡ଼ଙ୍କ ସମ୍ପତ୍ତି ଜବତ କରାଯାଇଛି । ଉକ୍ତ ଘଟଣାରେ ଉଭୟଙ୍କଠାରୁ ପୋଲିସ ନଗଦ ୬ ଲକ୍ଷ ୫୭ ହଜାର ୬୪୦ ଟଙ୍କା, ୩୮ ଲକ୍ଷ ୭୨ ହଜାର ୨୮୯ ଟଙ୍କାର ସୁନା ଅଳଙ୍କାର, ୧ କୋଟି ୪ ଲକ୍ଷ ୩୦ ହଜାର ୨୫୭ ଟଙ୍କା ମୂଲ୍ୟର କାର, ଟ୍ରକ ଆଦି ଜବତ କରିଛି। ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଫୁଲବାଣୀ ସଦର ଥାନା ରୁଜାଙ୍ଗି ନେଡ଼ିସାହିର ଜତି ଜ୍ୟୋତିଷ ବେହେରା, ଟିକାବାଲି ଥାନା ଲାଇନପଡା ପିପଲାସାହିର ମିଥୁନ ନାୟକ ଓ ଆଶିଷ କୁମାର ଦିଗାଲ। ଏମାନଙ୍କ ନାମରେ ସଦର ଥାନାରେ ୧୪୭/୨୫ରେ ମାମଲା ରୁଜୁ




ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

## ମୋଟ ୮.୨୦ କୋଟି ଟଙ୍କାର ସମ୍ପତ୍ତି ଠାବ

ହୋଇଛି । ସେହିପରି ଗିରଫ ଅନ୍ୟମାନେ ହେଲେ ଗଞ୍ଜାମର ମୁଖ୍ୟ ଗଞ୍ଜେଇ ଚାଲାଣକାରୀ ଦିଲ୍ଲୀପ, ବାଲିଗୁଡ଼ା ଥାନା ସୁନାପାଙ୍ଗା, ବନ୍ଧସାହିର ଡି.ଏନ୍ ଦୀନେଶ, ଗୁଡିମରାସାହିର ଦୀପକ ଓରଫ ସମୀର ଦିଗାଲ, ପଟାମାହାର ସୁନିଲ ମଲ୍ଲିକ, ଚମ୍ପାସାହିର ମହେନ୍ଦ୍ର ମଲ୍ଲିକ ଓ ଗୁଜରାଟ ସୁରତର ଚୁମ୍ମଡ ଆର ଓଝା । ଚୁମ୍ମଡଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଏ ନେଇ ବାଲିଗୁଡା ଥାନାରେ ୧୦୪/୨୫ରେ ମାମଲା ରୁଜୁ ହୋଇଛି ।


ଆଶିଷଙ୍କ ମୋଟ ସମ୍ପତ୍ତି ୪ କୋଟି ୫୯ ଲକ୍ଷ ୬୭ ହଜାର ୯୫୫ ଟଙ୍କା ହୋଇଥିବା ବେଳେ ଦିଲ୍ଲୀପଙ୍କ ସମ୍ପତ୍ତି ୩ କୋଟି ୬୦ ଲକ୍ଷ ୯୧ ହଜାର ୬୮ ଟଙ୍କା । ଉଭୟଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୮ କୋଟି ୨୦ ଲକ୍ଷ ୫୯ ହଜାର ୩୩ ଟଙ୍କା। ଅଚଳ କରାଯାଇଥିବା ସମ୍ପତ୍ତିକୁ ସେମାନେ ବ୍ୟବହାର କରିପାରିବେ ମାତ୍ର କିଣାବିକା କରିପାରିବେ ନାହିଁ। ବ୍ୟାଙ୍କ ଆକାଉଣ୍ଟରେ କୌଣସି ଟଙ୍କା ଉଠାଣ କି ଟ୍ରାନ୍ସଫର କରିପାରିବେ ନାହିଁ । ସେହିପରି ଜବତ ହୋଇଥିବା କାର, ଟ୍ରକ ଥାନାରେ ରହିବ । ଜବତ ଟଙ୍କା ଏବଂ ସୁନା ଗହଣା କୋର୍ଟ ଜିମାରେ ପ୍ରଦାନ କରାଯିବ। ଏମାନଙ୍କ ବିରୋଧରେ ଚାଲିଥିବା ମାମଲାର ତଦନ୍ତ ଶେଷ ହୋଇନି। ସେମାନଙ୍କର ଆହୁରି ସମ୍ପତ୍ତି ଠାବ ହୋଇପାରେ । ଯେଉଁମାନେ ବେଆଇନ ଗଞ୍ଜେଇ କାରବାର କରି ସମ୍ପତ୍ତି ଠୁଳ କରିଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବିଶି ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଏଏସ୍‌ପି ରମେନ୍ଦ୍ର ପ୍ରସାଦ, ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଡିଏସ୍‌ପି ମାନସ ରଞ୍ଜନ ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଶିଷଙ୍କ ଉପରେ ତଥ୍ୟଭିତ୍ତିକ ଖବର ଗତ ୯ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଅଳଙ୍କାର ଦୋକାନରୁ ୫୦ ଲକ୍ଷ ଟଙ୍କାର ଗହଣା ଲୁଟ

ଡେରାବିଶ,୧୩।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଆଲସିଂ ପଞ୍ଚାୟତର ଠାକୁରହାଟ ବଜାରସ୍ଥିତ ବାସୁଦେବ ଅଳଙ୍କାର ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଲୁହା ଶଟର କାଟି ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଚାନ୍ଦି ଅଳଙ୍କାର ଲୁଟି ନେଇଛନ୍ତି। ଗୁଆଲସିଂ ଗ୍ରାମର ଦୀପ୍ତିରଞ୍ଜନ ସାହୁ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତି ୮ଟାରେ ସେ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରିବା ସହ ଶଟରରେ ତାଲା ପକାଇ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସିସିଟିଭି କ୍ୟାମେରା ସଂଯୁକ୍ତ ହୋଇଥିବା ତାଙ୍କ ମୋବାଇଲରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ଅଳଙ୍କାର ଲୁଟ କରୁଥିବା ଦେଖିଥିଲେ। ତତ୍‌କ୍ଷଣାତ ସେ ଦୋକାନକୁ ଆସି ଦେଖନ୍ତି ତ ଭିତରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବସ୍ତାରେ ମୂଲ୍ୟବାନ୍ ଅଳଙ୍କାର ପୂରାଉଛନ୍ତି। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟ ହୋଇଥିବା ଅଳଙ୍କାର ମଧ୍ୟରେ ୧୨ କେଜି ଓଜନର ଚାନ୍ଦି ଅଳଙ୍କାର ଓ ପ୍ରାୟ ୨୨୦ ଗ୍ରାମ ସୁନା ଅଳଙ୍କାର ରହିଥିଲା। ଏଥିସହ ଅନ୍ୟ ବହୁ ମୂଲ୍ୟବାନ ସୁନା ଓ ରୁପା ଜିନିଷ ସାମିଲ ରହିଛି। ତେବେ ତରତର ହୋଇ ପଳାଇଥିବା ଦୁର୍ବୃତ୍ତମାନେ ତାଙ୍କ ଏକ ବାଇକ୍, ଗ୍ୟାସ୍ ସିଲିଣ୍ଡର, କଟର ଏବଂ ହେଲ୍‌ମେଟ ଛାଡି ଯାଇଥିଲେ ବୋଲି ବ୍ୟବସାୟୀ ଦୀପ୍ତିରଞ୍ଜନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନ୍ସପେକ୍ଟର ବିଶ୍ୱ ଭୂଷଣ ସାହାଣୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଜୋର୍‌ଦାର କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୦/୨୬ରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

# ରଜନୀଗନ୍ଧାର ଉନ୍ନତ କିସମ



**ର**ଜନୀଗନ୍ଧା ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ୍ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ପୋଟଳରେ ଫୁଲଫଳ ଧରୁଥିଲେ...




**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

# ମାଣ୍ଡିଆରେ ସାର ପ୍ରୟୋଗ...



**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

# ଗୋବନ୍ଧ୍ୟା ନିରାକରଣ





ଡା.ବୀରକିଶୋର ପରିଡ଼ା

"ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରି ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ।"

**ସା**ଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା - ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା - ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା - ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମକରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି। ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣକରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଦ୍ୱିତୀୟ ଅବସ୍ଥା - ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା - ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରି ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ। ଏହାର କେତୋଟି ମୁଖ୍ୟ କାରଣ ହେଲା -

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା - ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି। କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବ**

ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ। ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି। ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରିଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ। ଗୋପାଳକମାନେ ମନେ ରଖିବା ଉଚତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।

**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି। ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରି ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ। ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା:** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ୍ୟ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...

### ସୋରିଷ



ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ସୂର୍ଯ୍ୟମୁଖୀ



ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

### ଶାଗ

ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

### କୋବି



କୋବିଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଝିଙ୍କିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ଏକ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।

### ତରଭୁଜ



ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

# ମାଛ ଯାଆଁଳ ଛାଡୁଥିଲେ...




**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବହୁ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

# ପନିପରିବାରେ ରୋଗପୋକ ଦମନ



**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି .ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

# ଧାନ ସଂରକ୍ଷଣ



**ଧା**ନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ, ରକ୍ତ ନମୁନା ସଂଗ୍ରହ



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।



ଛାତ୍ରୀଛାତ୍ରଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

## ବିଶ୍ୱନାଥପୁର ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ୍ ଆକ୍ରାନ୍ତ ଘଟଣା

ଗଁଦିଆ,୧୩।୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ୍‌ର ବିଶ୍ୱନାଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ବିଦ୍ୟାଳୟରେ ପହଞ୍ଚି ଯାଞ୍ଚ କରିଛନ୍ତି। ବିଦ୍ୟାଳୟରେ ଉପସ୍ଥିତ ୧୯୭ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଅପରପକ୍ଷେ ଖାଦ୍ୟ ସୁରକ୍ଷା ଅଧିକାରୀ ଲୋପମୁଦ୍ରା ନାୟକ ପହଞ୍ଚି ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରିଥିଲେ। ବିଦ୍ୟାଳୟ ନିକଟରେ ଥିବା ଦୁଇଟି ଘରୋଇ ହଷ୍ଟେଲରେ ମଧ୍ୟ ଚଢାଉ କରିଥିଲେ। ଗୋଟିଏ ହଷ୍ଟେଲ କୂଅର ପାଣି ଆବର୍ଜନାମୟ ହୋଇଥିବା ବେଳେ ଅନ୍ୟ ହଷ୍ଟେଲର ମାଲିକ ଫାଟକକୁ ତାଲା ପକାଇ ପଳାଇଥିବା ଦେଖାଯାଇଥିଲା। ସେହିପରି ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ପାନୀୟଜଳ ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଘଟଣା ସ୍ଥଳରେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ମଧ୍ୟ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଜଣ୍ଡିସ ବ୍ୟାପିବା କାରଣକୁ ନେଇ ସ୍କୁଲର ଶୌଚାଳୟ, ଅପୁଷ୍ଟିକର ଖାଇବା ଭଳି ଅବ୍ୟବସ୍ଥା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି । ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ସ୍ୱୟଂଶେଖର ରଥ କହିଥିଲେ, ବିଦ୍ୟାଳୟର ଶୌଚାଳୟ ସଫା ନ ହେବା ଏବଂ ଖାଇବା ଭଲ ନ ଥିବା ଯୋଗୁ ଦେହ ଖରାପ ହେବା ସହିତ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗିରହୁଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିବା ପରେବି କେହି ଶୁଣିନାହାନ୍ତି ବୋଲି ସେ କହିଥିଲେ। ସେହିପରି ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ କହିଛନ୍ତି, ପୂର୍ବରୁ ବିଦ୍ୟାଳୟ ଛୁଟି ଥିଲା। ଜାନୁଆରୀ ୨ରୁ ସ୍କୁଲ ଖୋଲିଥିଲା। ଜାନୁଆରୀ ୫ରୁ ସ୍କୁଲରେ ପରୀକ୍ଷା ଚାଲିଥିଲା। ତେଣୁ ଜଣ୍ଡିସ ବାହାରୁ ବ୍ୟାପିବାର ସମ୍ଭାବନା ରହିଛି। ବିଦ୍ୟାଳୟରେ ସେଭଳି କିଛି ହୋଇନି। ଆମେ ଶୁଣିବାକୁ ପାଉଛୁ ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଅପରପକ୍ଷେ ଅଭିଭାବକମାନେ କହିଛନ୍ତି କି ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାକୁ ସମ୍ପୂର୍ଣ୍ଣ ଲୁଚାଉଛନ୍ତି। ବିଦ୍ୟାଳୟର ୧୫ରୁ ଉର୍ଦ୍ଧ୍ୱ ପିଲା ଜଣ୍ଡିସ ଆକ୍ରାନ୍ତ ହୋଇ ଛୁଟିରେ ଘରେ ଅଛନ୍ତି। ୩୮୭ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟରେ ୨୦୩ଜଣ ଉପସ୍ଥିତ ଥିଲେ। ବାକି ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପିଲାଙ୍କ ପାଖକୁ ଯାଇ ସଂଗ୍ରହ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଡା. ସପନ ମହାନ୍ତିଙ୍କ ସମେତ ଡାକ୍ତରୀ ଦଳ ସ୍ୱଚ୍ଛତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

# ଜିଲାସ୍ତରୀୟ ନିଯୁକ୍ତି ମେଳା



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଖେଳ ପଡ଼ିଆଠାରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଏକ ଜିଲାସ୍ତରୀୟ ନିଯୁକ୍ତି ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କୌଣସି ଚାକିରି ଛୋଟ ନୁହେଁ। ଆତ୍ମବିଶ୍ୱାସ ରଖନ୍ତୁ ମୁଁ କରିପାରିବି। ସୁଯୋଗର ପୂର୍ଣ୍ଣ ଉପଯୋଗ କରିବାକୁ ପ୍ରାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ କୁମାର ବେହେରା, ଯୋଜନା ଉପନିର୍ଦ୍ଦେଶକ ପଲ୍ଲବ କୁମାର କର, ଜେଲ ଅଧୀକ୍ଷକ ହେମନ୍ତ କୁମାର ସେଠୀ, ଜିଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଦେବମିତ୍ରା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ୪ଟି ନୂତନ ଦକ୍ଷତା ବିକାଶ କେନ୍ଦ୍ର ଉଦଘାଟିତ ହୋଇଥିଲା। ନାନୋ ୟୁନିକର୍ଣ୍ଣ ପାଣି ଅଧୀନରେ ୧୦ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନୂତନ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କୁ ମଧ୍ୟ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ପୁନର୍ବାସ ପ୍ରୟାସର ଅଂଶସ୍ୱରୂପ କଏଦୀମାନଙ୍କୁ ସ୍କିଲ କୌଶଳ ପ୍ରଦାନ କରିବା ପାଇଁ ଜେଲ ପ୍ରଶାସନ ଏବଂ ଜିଲା ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମେଳାରେ ମୋଟ ୫୨୦୦ ଖାଲି ପଦବୀ ପ୍ରଦର୍ଶିତ ହୋଇଥିଲା।

# ଦେବେନ୍ଦ୍ର ଶତପଥୀ ସ୍ମାରକୀ ଡିଗ୍ରୀ କଲେଜରେ ବନ୍ଦେ ମାତରମ୍ ଗାନ



କଲେଜ କର୍ମଚାରୀଙ୍କ ସହ ଛାତ୍ରୀଛାତ୍ରମାନେ ବନ୍ଦେ ମାତରମ ଗାନ କରୁଛନ୍ତି।

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କୋଇଲିପଙ୍ଗିଠାରେ ଥିବା ଦେବେନ୍ଦ୍ର ଶତପଥୀ ସ୍ମାରକୀ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକ ଦେବାଶିଷ ରାଉତରାୟଙ୍କ ତତ୍ତ୍ୱାବଧାନରେ ସୋମବାର ସାମୂହିକ ବନ୍ଦେ ମାତରମ ଗାନ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରୀତି ମଞ୍ଜରୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଲେଜର ବରିଷ୍ଠ କିରାଣି ମୀନକେତନ କରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବନ୍ଦେ ମାତରମ ଗାନ ପରେ ସ୍ୱଦେଶୀ ସଂକଳ୍ପପାଠ କରାଯାଇଥିଲା । ଏଥିସହିତ ଯୁବ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତକରାଯାଇଥିଲା।ଅଧ୍ୟାପିକାଶିବାନୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭାଗବତ ପାରାୟଣ ଓ ମହାଯଜ୍ଞ ପାଇଁ କଳସ ଯାତ୍ରା

ପରଜଙ୍ଗ, ୧୩।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ଅଲକା ପାଟଣା ସାହିରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୪୨ତମ ସାପ୍ତାହିକ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଅନୁଷ୍ଠିତ ହେବ। ଶନିବାର ଠାରୁ କଳସ ଯାତ୍ରା କରାଯାଇ ପ୍ରଭୁଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ୧୨ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ସକାଳେ ଯଜ୍ଞ ହେବା ସହିତ ସନ୍ଧ୍ୟାରେ ଶ୍ରୀମଦ ଭାଗବତ ମହା ପୁରାଣ ପାଠ ଉପରେ ପ୍ରବଚନ ଦିଆଯିବ। ୧୨ ଏବଂ ୧୮ ତାରିଖରେ ଆଇଆଇଟି ସରାଙ୍ଗର ପ୍ରବକ୍ତା ବାଣୀଭୂଷଣ ସୁବୋଧ କୁମାର ପଣ୍ଡା, ୧୩, ୧୪ ଏବଂ ୧୫ ତାରିଖରେ ନୟାଗଡ଼ର ବାବା ଶ୍ରୀଧର ଦାସ, ୧୬ ଏବଂ ୧୭ ତାରିଖରେ ଜଗତସିଂହପୁରର ପ୍ରବକ୍ତା ବାବା ଦିବାକର ଦାସ ଭାଗବତ, ହରିକଥା ଏବଂ ମାଳିକା ଉପରେ ପ୍ରବଚନ ପ୍ରଦାନ କରିବେ। ୧୯ ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ସହିତ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ଆଜ୍ଞାଲଡୁ ନିଲାମ ହେବାର ଅଛି ।

# ଶିକ୍ଷା ହେଉଛି ଜୀବନ ଜୀବିକାର ମାନଦଣ୍ଡ

## ବୃହତ ନାମଲେଖା ଓ କର୍ମଶାଳା ଶିବିର

ଗଁଦିଆ,୧୩।୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସଦର ମହକୁମାସ୍ଥିତ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବୃହତ ନାମଲେଖା ତଥା କର୍ମଶାଳା ଶିବିର ପ୍ରଧାନ ଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଳାଇ, ମୁଖ୍ୟବକ୍ତା ଭାବେ ଗଁଦିଆ ସହକାରୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ହରିହର ସାହୁ, ଏବିଇଓ ବିଦ୍ୟାଧର ପରିଡ଼ା ଯୋଗ ଦେଇଥିଲେ । ଶିକ୍ଷା ହେଉଛି ଜୀବନ ଜୀବିକାର ମାନଦଣ୍ଡ । ବିଦ୍ୟାଳୟ ବାହାରେ ଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ବିଦ୍ୟାଳୟରେ ନାମ ଲେଖାଇ ମାଧ୍ୟମିକ ଶିକ୍ଷା ସମାପନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱାତୀ ମିଶ୍ର, ଶିକ୍ଷକ କୋଦଣ୍ଡ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ନାମଲେଖା ପ୍ରକ୍ରିୟାକୁ ସମୀକ୍ଷା କରିଥିଲେ।

# ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ରାଜ୍ୟମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ



କାମାକ୍ଷାନଗର, ୧୩।୧(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଉଚ୍ଚବିଦ୍ୟାଳୟରେ ସୋମବାର ରାଜ୍ୟ ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ସରୋଜ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ ଓ ଏସ୍‌ଏମ୍‌ସି ଚେୟାରମ୍ୟାନ ଦିଲ୍ଲୀପ କୁମାର ସାହୁ ଯୋଗଦେଇଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ନିଜର ଶିକ୍ଷା ଅଧାରୁ ଛାଡୁଛନ୍ତି ତାଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧମରେ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଇଓ ସରୋଜ କୁମାର ସାହୁ ନିଜ ଅଭିଭାଷଣରେ କହିଥିଲେ। ଶେଷରେ ବ୍ଲକ ସହ କୋଅର୍ଡିନେଟର ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଜରୁରୀ

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲଠାରେ ରେଙ୍ଗାଳି ଦକ୍ଷିଣ ଜଳସେଚନ ମଣ୍ଡଳ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ, ଜଳବିନା ଜୀବନ ଓ ଜୀବିକା ଅସମ୍ଭବ । ଏହାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଜରୁରୀ। ଏଥିପାଇଁ ସମସ୍ତ କୃଷକ ଭାଇମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପାଣିପଞ୍ଚାୟତକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରାଇ କମିଟିର ସଦସ୍ୟମାନେ ଏକଜୁଟ୍ ହୋଇ ସହଯୋଗ କରି ସମସ୍ତ ଜମିକୁ ସୁଷମ ଜଳ ବଣ୍ଟନର ବ୍ୟବସ୍ଥା କରିବାକୁ କହିଥିଲେ। ପ୍ରାରମ୍ଭରେ ରେଙ୍ଗାଳି ଦକ୍ଷିଣ ଜଳସେଚନ ପ୍ରକଳ୍ପର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରମେଶଚନ୍ଦ୍ର ସେଠୀ, ପାଣି ପଞ୍ଚାୟତ ପକ୍ଷ ପାଳନ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ମଡେଲ ପ୍ରସ୍ତୁତକାରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଚାଷୀଭାଇ ଭଉଣୀମାନେ ଜଳ ସଂରକ୍ଷଣ ଓ ସୁଷମ ବଣ୍ଟନ ସମ୍ପର୍କିତ ଶପଥ ପାଠ କରିଥିଲେ। ସମାରୋହରେ ପୌରାଧକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ତରାଇ, ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ପାଣି ପଞ୍ଚାୟତର ସଭାପତି ନିରଞ୍ଜନ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ କର ସଂଯୋଜନା କରିଥିଲେ। ରେଙ୍ଗାଳି ଦକ୍ଷିଣ ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିମିନଇ ଡିଗ୍ରୀ କଲେଜରେ ଜାତୀୟ ଯୁବ ଦିବସ

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ଅଧ୍ୟକ୍ଷ ସୁଜିତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା, ଗୁରୁଦାୟିତ୍ୱ ଓ ଜାତୀୟ ଯୁବ ଦିବସର ପାଳନ ସ୍ୱର୍କରେ ଆଲୋଚନା ହୋଇଥିଲା। ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡ଼ା, ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ କୀର୍ତ୍ତି କୌଶିକ ପଣ୍ଡା, ଏକ ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଶୁଭଶ୍ରୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ ଗାନ କରାଯାଇଥିଲା। ସମବେତ ଛାତ୍ରୀଛାତ୍ରମାନେ ମିଳିତ ଭାବେ ସ୍ୱଦେଶୀ ସଂକଳ୍ପ ପାଠନ କରିଥିଲେ। ଅଧ୍ୟାପିକା ଅନିତା ଦାସ, ଡ. ଭାରତୀ ବେହେରା, ପ୍ରଜ୍ଞା ପରମିତା, ରଶ୍ମିତା ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଧରଣୀଧର ସେଠୀ, ଅକ୍ଷୟ କୁମାର ସେନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# କ୍ରୀଷ୍ଣା, ସାଲିନି, ମହାବୀର ଓ ଅଙ୍କିତା ଚାମ୍ପିୟନ

## ଲକ୍ଷ୍ମୀଧର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ସହର ଲକ୍ଷ୍ମୀଧର ମ୍ୟୁନିସ୍‌ପାଲ୍ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇତଶ୍ କୁମାର ବରାଳ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ବାଳକରେ ସପ୍ତମ ଶ୍ରେଣୀର ଛାତ୍ର କ୍ରୀଷ୍ଣା ନାୟକ ଓ ବାଳିକାରେ ସାଲିନି ମଲ୍ଲିକ ଚାମ୍ପିୟନ ହୋଇଥିଲେ। ଜୁନିୟର ବାଳକରେ ଅଷ୍ଟମ ଶ୍ରେଣୀ ଛାତ୍ର ମହାବିର ମଲ୍ଲିକ ଓ ବାଳିକାରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଅଙ୍କିତା ପରିଡା ଚାମ୍ପିୟନ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସହକାରୀ ଶିକ୍ଷୟିତ୍ରୀ ଉମାରାଣୀ ଷଡଙ୍ଗୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଏସଏମ୍‌ସି ଅଧ୍ୟକ୍ଷା ମମତା ମିଶ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିରାଣୀ ଶଥପଥୀ, ସଙ୍ଗିତା ସାହୁ, ମାମା ମିଶ୍ର, ଦିପିକା ତ୍ରିପାଠୀ, ନିଲୁଫର ଜାବିନ୍, ମଞ୍ଜୁଲତା ବାରିକ, ସବିତା ସ୍ୱାଇଁ, ପ୍ରଜ୍ଞାପରମିତା ସାହୁ, ଜସ୍ମିନ ରାଉତ, ନର୍ମଦା ଗଡନାୟକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ କଳ୍ପନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଲାୟନ୍ସ କ୍ଲବ୍ ପକ୍ଷରୁ କ୍ଷୁଧାସେବା ସପ୍ତାହ ପାଳିତ

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ସଦର ବ୍ଲକ୍ ବଳଦିଆବନ୍ଧ ପଞ୍ଚାୟତର ମହୁଲପଡା ଠାରେ ଥିବା ବିଶ୍ୱକୁନ୍ତଳ ଶିଶୁ ଗୃହରେ କ୍ଷୁଧା ସେବା ସପ୍ତାହ ସୋମବାର ପାଳିତ ହୋଇଯାଇଛି । କ୍ଲବ୍ ତରଫରୁ ପୂର୍ବତନ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରଭାତ କୁମାର ମହାନ୍ତି, ଢେଙ୍କାନାଳ ଲାୟନ୍ସ କ୍ଲବ୍‌ର ସଂପାଦକ ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ଲାୟନ୍ସ କ୍ଲବ୍ ସଦସ୍ୟ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ, କ୍ଲବର ସଦସ୍ୟ ଶିକ୍ଷାବିତ୍ ଡ. ରଞ୍ଜନ କୁମାର ତରାଇ, ସଦସ୍ୟ ବିଶ୍ୱ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଶ୍ୱକୁନ୍ତଳ ଆଶ୍ରମର ପିଲାମାନଙ୍କ ହେଲ୍‌ଥ ଚେକ୍‌ଅପ୍ ସହ ମଧ୍ୟାହ୍ନ ଭୋଜନର ଆୟୋଜନ କ୍ଲବ୍ ତରଫରୁ କରାଯାଇଥିଲା । ଲାୟନ୍ସ କ୍ଲବ୍ ବିଭିନ୍ନ ସମୟରେ ଅସହାୟମାନଙ୍କ ପାଇଁ ବିଭିନ୍ନ ସୂତ୍ରରେ ସାହାଯ୍ୟ ପାଇଁ ଚେଷ୍ଟା ଜାରି ରଖିଥାଏ । ଜାନୁଆରୀ ୩ରୁ ୧୧ ପର୍ଯ୍ୟନ୍ତ ଅନାଥ ନିଃସହାୟ ପିଲାଙ୍କ ପାଇଁ ଏହି କ୍ଷୁଧା ସେବା ସପ୍ତାହ କ୍ଲବ୍ ତରଫରୁ ପାଳନ କରାଯାଉଛି ବୋଲି ସୂଚନା ଦିଆଯାଇଛି ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲାୟନ୍ସ କ୍ଲବ୍‌ର ସଦସ୍ୟାସଦସ୍ୟମାନେ।

# କ୍ଷତିଗ୍ରସ୍ତ ପ୍ରଜା ସଂଘର ପ୍ରତିବାଦ: ଷ୍ଟିଲ ନୁହେଁ, ପ୍ରଦୂଷଣମୁକ୍ତ ଶିଳ୍ପ ହେଉ

- ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି
- ନ୍ୟାୟ ନ ମିଳିଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ



ଲାନ୍‌କୋ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ପ୍ରତିବାଦ ସଭା।

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଲାନ୍‌କୋ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଖଡ଼ଗପ୍ରସାଦ ସମେତ କୁରୁଣ୍ଟି ପଞ୍ଚାୟତର ବହୁ ଗ୍ରାମବାସୀ ତଥା କ୍ଷତିଗ୍ରସ୍ତ ପ୍ରଜା ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଉକ୍ତ ଅଞ୍ଚଳରେ ଏକ ବଡ଼ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି କିମ୍ବା କ୍ଷତିଗ୍ରସ୍ତ ପ୍ରଜା ଏବଂ ଗ୍ରାମବାସୀଙ୍କ କୌଣସି ପ୍ରକାର ମତାମତ ଗ୍ରହଣ କରାନଯିବା କିମ୍ବା ଗ୍ରାମସଭା ନ ହେବା ପ୍ରତିବାଦରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶିଳ୍ପକୁ ଆମେ ସ୍ୱାଗତ କରୁଛୁ। ଆମ ଚତୁଃପାର୍ଶ୍ୱରେ ବଡ଼ବଡ଼ ଷ୍ଟିଲ ଶିଳ୍ପ ରହିଥିବାରୁ ପ୍ରଦୂଷଣ ଜ୍ୱାଳାରେ ଗ୍ରାମବାସୀ ଛଟପଟ ହେଉଥିବାରୁ ଆମେ ଷ୍ଟିଲ ନୁହେଁ, ପ୍ରଦୂଷଣମୁକ୍ତ ଶିଳ୍ପ ଚାହୁଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଅନୁରୋଧ କରିଥିଲେ। କ୍ଷତିଗ୍ରସ୍ତ ପ୍ରଜା ସଂଘର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ ଯେ, ପୂର୍ବରୁ ଉକ୍ତ ଅଞ୍ଚଳରେ ଲାନ୍‌କୋ ନାମକ ଏକ କମ୍ପାନୀ ଶିଳ୍ପ କରିବା ନାମରେ ଜମି ଅଧିଗ୍ରହଣ କରିଥିଲା। କିନ୍ତୁ ତାହା ପ୍ରତିଷ୍ଠା ହୋଇପାରିଲା ନାହିଁ। ଏହାଠାରୁ କୌଶଳକରି ସାଫ୍ରନ୍ ନାମକ ଏକ କମ୍ପାନୀ ଶାଗମାଛ ଦରରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଜମିକୁ ଅଧିଗ୍ରହଣ କରି ବର୍ତ୍ତମାନ ହେବାକୁ ଯାଉଥିବା ପ୍ରସ୍ତାବିତ ଶିଳ୍ପାନୁଷ୍ଠାନକୁ ବିକ୍ରି କରିବା ପାଇଁ ବସିଛି। ବହୁଳ ପ୍ରଦୂଷଣ ଯୋଗୁ ଉକ୍ତ ଅଞ୍ଚଳର ପ୍ରାୟ ୫ଟି ଗ୍ରାମ ପ୍ରଭାବିତ ହୋଇଛି। ଏହି ଅଞ୍ଚଳରେ ପ୍ରଦୂଷଣମୁକ୍ତ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ। ଜମିହରା ପ୍ରଜାଙ୍କୁ ଏକରପିଛା ୮୦ ଲକ୍ଷରୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ଏହି ଅଞ୍ଚଳର ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବିତ କମ୍ପାନୀ ଚୁକ୍ତି କରନ୍ତୁ। ଏସବୁ ନ ହେଲେ ନ୍ୟାୟ ପାଇଁ ଆମେ ଅଦାଲତର ଆଶ୍ରୟ ନେବୁ। ସେହିପରି କମ୍ପାନୀ ପାଇଁ କାହାକୁ ନ ଜଣାଇ ଅଧିକାରୀମାନେ ସର୍ଭେ କରିବାକୁ ଆସିବେ। ସେମାନଙ୍କ ସହ ସଲାସୁତରା ନ ହୋଇ ସର୍ଭେ ସମୟରେ ବିରୋଧ କରିବା ପାଇଁ ପୂର୍ବତନ ବିଧାୟକ ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କୁ କହିଥିଲେ।

ବିଶିଷ୍ଟ ଯୁବ ସାମାଜିକ କର୍ମୀ ଡ. ଅବିନାଶ ସାମଲ କହିଲେ ଯେ, ପ୍ରାୟ ୧୦/୧୫ବର୍ଷ ତଳେ ଲାନ୍‌କୋ କମ୍ପାନୀ ପାଇଁ ଗ୍ରାମବାସୀ ଜମି ଦେଇଥିଲେ। ସାଫ୍ରନ ନାମକ ଏକ କମ୍ପାନୀ ଚଞ୍ଚକତା କରି ଉକ୍ତ ଜମିକୁ ଅଧିକାର କରିଛି। ତେଣୁ ପ୍ରସ୍ତାବିତ ଶିଳ୍ପ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଜମିହରା ପ୍ରଜାଙ୍କୁ ଉଚିତ ମୂଲ୍ୟ ଦେବେ। ନ ହେଲେ ଜମି ଫେରାଇବେ। ୧୫ବର୍ଷ ତଳେ ଏହାର ବେଞ୍ଚମାର୍କ ଦର କ'ଣ ଥିଲା, ଏହାର ତଦନ୍ତ ହେବା ଉଚିତ ବୋଲି ସେ କହିଥିଲେ। ସଭାରେ ବରିଷ୍ଠ ସାମାଜିକ କର୍ମୀ ଗଙ୍ଗାଧର ସାମଲ ମଧ୍ୟ ଉପସ୍ଥିତ ଥିଲେ। ଖଡଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଳେଇ କହିଲେ, ଦାବି ପୂରଣ ନ ହେଲେ ଆମେ ଜମି ଛାଡିବୁନି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନରେନ୍ଦ୍ର କୁମାର ସାହୁ, ଶିକ୍ଷାବିତ ହରିହର ସାମଲ, ବିଜୟ କୁମାର ଧଳ, ବିନୋଦ କୁମାର ସାହୁ, ଟଙ୍କଧର ସାମଲ, ଆଇନଜୀବୀ ପଙ୍କଜ ଲୋଚନ ସାହୁ, ପୂର୍ବତନ ସରପଞ୍ଚ ନରୋତ୍ତମ ରାଉତ ପ୍ରମୁଖ ପ୍ରଦୂଷଣମୁକ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଏକାଠି ହୋଇ ଲଢେଇ ଜୋରଦାର କରିବେ ବୋଲି କହିଥିଲେ। କୈଳାସ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ସାଫ୍ରନ କମ୍ପାନୀ ୧୦୦୦ ଏକର ଜମିକୁ ମାତ୍ର ପ୍ରାୟ ୯୦କୋଟି ଟଙ୍କାରେ ନେଇଥିବା ବେଳେ ଉକ୍ତ ଅଞ୍ଚଳରେ ଜମିର ମୂଲ୍ୟ ଅଧିକ ରହିଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ପକ୍ଷରୁ ପୁରୁଷୋତ୍ତମ ମହାପାତ୍ର ଓ ଅନ୍ୟମାନେ ଢେଙ୍କାନାଳ ଜିଲାପାଳ ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମେତ ଅନ୍ୟମାନଙ୍କ ନାମରେ ଉଚ୍ଚ ନ୍ୟାୟାଳୟରେ ୨୦୨୫ରେ ଏକ ରିଟ୍ ପିଟିଶନ ଦାଏର କରିଛନ୍ତି, ଯାହାର ନମ୍ବର ହେଉଛି ୫୩୯୩୭/୨୦୨୫। ଅନ୍ୟପକ୍ଷରେ ଯେଉଁ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ହୋଇଥିଲା, ଉକ୍ତ କମ୍ପାନୀ ବନ୍ଦ ହୋଇଯାଇଥିବା ବେଳେ ଜମିହରା ପ୍ରଜାଙ୍କ ପାଇଁ କୌଣସି ନିଯୁକ୍ତି ଓ ସୁରକ୍ଷା ଗ୍ୟାରେଣ୍ଟି ନ ଥିବା ବେଳେ ଏହାକୁ ନେଇ ରିଟ୍ ପିଟିସନ ଫାଇଲ ହୋଇଥିବା ଅଭିଯୋଗକାରୀମାନଙ୍କ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ସୂଚନା ଦେଇଛନ୍ତି।

# +୨ରେ ପୂଜା ମୁଣ୍ଡା, +୩ରେ ଦେବସ୍ମିତା ମହାନ୍ତ ଶ୍ରେଷ୍ଠ

ଭୁବନ, ୧୩।୧ (ବିପିନ ବିହାରୀ ସେଠୀ): ଭୁବନ ମହିଳା କଲେଜରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବର ସୋମବାର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତବଟି ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ସେଥିରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହିଳା ଡିଗ୍ରୀ କଲେଜର ଛାତ୍ରୀମାନେ ଭାଗନେଇଥିଲେ। ଏହି ଅବସରରେ ଡିଗ୍ରୀ କଲେଜ ଅଧକ୍ଷ ଦିଲୀପ ଦାସ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ସୁପ୍ରିୟମୀ ସେନ ଅତିଥି ଭାବେ ଯୋଗଦେଇ ମହାନ ବ୍ୟକ୍ତିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୁସ୍ଥ ସମାଜ ଗଠନରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ କରିଥିଲେ। ସେଥିରେ ସାମାଜିକ କର୍ମୀ ବିପିନ ବିହାରୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଖରଦାତା ରାକେଶ କୁମାର ଦେହୁରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କ୍ରୀଡ଼ାରେ କୃତିତ୍ୱ ଅର୍ଜନକରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। +୨ ବିଭାଗର ପୂଜା ମୁଣ୍ଡା ଓ +୩ ର ଦେବସ୍ମିତା ମହାନ୍ତ ଚାମ୍ପିୟନ ହୋଇ ଟ୍ରଫି ଗ୍ରହଣ କରିଥିଲେ। ଶାରୀରିକ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା ଓ ଗଦାଧର ସାହୁ କ୍ରୀଡ଼ାକୁ ପରିଚାଳନା କରିଥିଲେ।



ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଡମାଣ୍ଡୋ କ୍ରିକେଟ କ୍ଲବ ବିଜୟୀ




କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚରେ ଯୋଗଦେଇଥିବା ଅତିଥି

ପରଜଙ୍ଗ, ୧୩।୧ (ନିଗମାନନ୍ଦ ଦଳବେହେରା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡ଼ିୟମଠାରେ ଦ୍ୱିତୀୟ ବାର୍ଷିକ ବୀର ବେନୁ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା ଯୋଗଦାନ କରିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ପୂର୍ବତନ ରଣଜୀ ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ଭାଜପା ସାଧାରଣ ସମ୍ପାଦକ ତଥା ଉର୍ଜା ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ କୁମାର ଗୋଛାୟତ, ଭାଜପା ଜିଲ୍ଲା ସମ୍ପାଦକ ଅଞ୍ଜନ ପାଣି, ସାମାଜିକ କର୍ମୀ ରଞ୍ଜନ ଦଳବେହେରା, ଉର୍ଜା ଟ୍ରଷ୍ଟ ସଦସ୍ୟ ବିଶ୍ୱଜିତ ପରିଡ଼ା, ପ୍ରଦ୍ୟୁମ୍ନ ସିଂହ, ପ୍ରସାଦ ସେଠୀ, ଅଂଶୁମାନ ଗଡ଼ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଡମାଣ୍ଡୋ କ୍ରିକେଟ କ୍ଲବ (ବିଜିବି), ଭୁବନେଶ୍ୱର ଟସ୍ ଜିତି ବ୍ୟାଟିଙ୍ଗ କରି ୨୦ ଓଭରରେ ୭ ୱିକେଟ ହରାଇ ୧୮୬ରନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ୧୮ ଓଭରରେ ବ୍ୟାଟିଙ୍ଗ କରି ଅଲଆଉଟ ହୋଇ ୧୫୦ ରନ କରି ପରାଜୟ ହୋଇଥିଲେ। ଡମାଣ୍ଡୋ କ୍ରିକେଟ କ୍ଲବ (ବିଜିବି), ଭୁବନେଶ୍ୱର ବିଜୟୀ ହୋଇ ଫାଇନାଲକୁ ଯାଇଛି। ଖେଳର ପୁରସ୍କାର ବିତରଣ ଉତ୍ସବରେ ମ୍ୟାନ ଅଫ ଦି ମ୍ୟାଚ ବିଜିବିର ବିକାଶ ଦିକ୍ଷିତ, ବେଷ୍ଟ ବ୍ୟାଟ୍ସମ୍ୟାନ ବିଜିବିର ଜୟନ୍ତ କୈବର୍ତ୍ତ, ବେଷ୍ଟ ବୋଲର ବିଜିବିର ପୁରକାନ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଖେଳ ପରିଚାଳନା ଜୟକୃଷ୍ଣ ରାଉତ, ସୋମନାଥ ସେଠୀ, ମ୍ୟାଚ ରେଫରୀ ନିରୋଦ ଦାସ, ଧାରା ବିବରଣୀ ପ୍ରେମାନନ୍ଦ ମହନ୍ତ, ସ୍କୋରର ନିଳୁନ ସାହୁ, ପ୍ରିୟବ୍ରତ ବାରିକ ଓ ଖୁକୁନ ନାୟକ।

# ଶ୍ରୀମଦ୍ ଭାଗବତ ପାରାୟଣ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୩।୧ (ରତନ ନାୟାର): ଢେଙ୍କାନାଳ ଦଧିବାବନଜାଉ ମଠ ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ୪୦ତମ ପାରାୟଣର ପ୍ରସ୍ତୁତି ବୈଠକ ପଣ୍ଡିତ ବିନୋଦ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭ୍ୟ ବ୍ରଜକିଶୋର ପାତ୍ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା। ସଭାପତି ଭାବେ ସତ୍ୟପ୍ରିୟ ରଥ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟରତ୍ନ ଚକ୍ରଧର ସାହୁ, ଉପସଭାପତି ରବି ନାରାୟଣ ମହାନ୍ତି ଓ ପ୍ରମୋଦ କୁମାର ନାୟକ, ମୁଖ୍ୟ ସମ୍ପାଦକ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସଂଗଠନ ସମ୍ପାଦକ ଅବନୀ କୁମାର ମିଶ୍ର, ସାଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ନାୟକ, ମୁଖ୍ୟ ସଂଯୋଜକ ବ୍ରଜକିଶୋର ପାତ୍ର, କୋଷାଧ୍ୟକ୍ଷ ସୁକାନ୍ତ ଦାସଗୁପ୍ତା, କାର୍ଯ୍ୟକାରୀ ସଦସ୍ୟ ଶରତ କୁମାର ମିଶ୍ର (ଭରଦ୍ୱାଜ), ସନ୍ଦିପ ଷଡ଼ଙ୍ଗୀ, ଆଲୋକ କୁମାର ଦାସ, ବିଜୟଲକ୍ଷ୍ମୀ ଦାସ, ବିନୋଦ କୁମାର ସାହୁ, ସରୋଜ କୁମାର ପାଢ଼ୀ, ବିଜୟ କିଶୋର ମହାପାତ୍ର, ଦେବାଶିଷ ଦାସ, ମହେଶ୍ୱର ନାୟକ, ବ୍ରଜବନ୍ଧୁ ସାହୁ ଓ ମାନସ ମଲ୍ଲିକ ରହିଛନ୍ତି। ମାର୍ଗଦର୍ଶକ ଭାବେ ପଣ୍ଡିତ ବିନୋଦ ବିହାରୀ ନାୟକ, ବିରଞ୍ଚି ନାରାୟଣ ପଟ୍ଟନାୟକ ଓ ଦାମୋଦର ସାହୁ ଏବଂ ଉପଦେଷ୍ଟା ଭାବେ ତପନ କୁମାର ଶତପଥୀ, ପଣ୍ଡିତ ସର୍ବାନନ୍ଦ ଷଡ଼ଙ୍ଗୀ, ଶୁଭେନ୍ଦୁ କୁମାର ଷଡ଼ଙ୍ଗୀ ଓ ବିଜୟଲକ୍ଷ୍ମୀ ଦେବୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବ୍ରଜକିଶୋର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସାମୂହିକ ବନ୍ଦେ ମାତରମ୍ ଗାନ

ଢେଙ୍କାନାଳ,୧୩।୧(ରତନ ନାୟାର): ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ସାମୂହିକ ବନ୍ଦେ ମାତରମ୍ ଗାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜନ ହୋଇଥିଲା। ଏହାସହିତ ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ଆଦିରେ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ସାମୂହିକ ବନ୍ଦେ ମାତରମ୍ ଗାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ବଙ୍ଗ ବିଭାଜନ ବେଳେ ବନ୍ଦେ ମାତରମ୍ ଗାନ କିଭଳି ଦେଶାତ୍ମବୋଧ ମନୋଭାବକୁ ଜାଗ୍ରତ କରିଥିଲା, ସେ ସମ୍ପର୍କରେ ବୁଝାଇଥିଲେ।

# ମହର୍ଷି ବେଦବିଜ୍ଞାନ ବିଦ୍ୟାପୀଠରେ ମହର୍ଷି ମହେଶ ଯୋଗୀଙ୍କ ଜୟନ୍ତୀ

ଢେଙ୍କାନାଳ,୧୩।୧ (ରତନ ନାୟାର): ଢେଙ୍କାନାଳ ଗୋବିନ୍ଦପୁରସ୍ଥିତ ମହର୍ଷି ବେଦବିଜ୍ଞାନ ବିଦ୍ୟାପୀଠ ପ୍ରାଙ୍ଗଣରେ ମହର୍ଷି ମହେଶ ଯୋଗୀଜୀଙ୍କର ୧୦୯ତମ ଜୟନ୍ତୀ ମହାସମାରୋହରେ ସୋମବାର ପାଳିତ ହୋଇଯାଇଛି। ସକାଳ ୭ଟାରେ ଗୁରୁ ପରମ୍ପରା ପୂଜନ କରିବା ସହ ଯୋଗ, ଆସନ, ଭାବାତିତ ଧ୍ୟାନ ଓ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାପୀଠ ପ୍ରଭାରୀ ବ୍ରଜ ସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ଡ. ପରେଶ କୁମାର ମିଶ୍ର ଛାତ୍ରମାନଙ୍କୁ ସଚ୍ଚିନ୍ତନ, ସତକର୍ମ ଓ ବୈଦିକ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରବି ନାରାୟଣ ଦାଶ, ବିଦ୍ୟାପୀଠର ଆଚାର୍ଯ୍ୟ ମାନସ ରଞ୍ଜନ ପାଣିଗ୍ରାହୀ, ସନ୍ତୋଷ କୁମାର ସାକ୍ସେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପ୍ରିୟ ଅନୁଷ୍ଠାନ ପକ୍ଷରୁ ଜାତୀୟ ଯୁବ ଦିବସ

ଢେଙ୍କାନାଳ,୧୩।୧ (ରତନ ନାୟାର): ଢେଙ୍କାନାଳ ଗଁଦିଆ ବ୍ଲକ ଲଇଲଇଥିତ ପ୍ରିୟ ଅନୁଷ୍ଠାନ କାର୍ଯ୍ୟାଳୟରେ ମାଇଁ ଭାରତ ଓ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ସାକ୍ତିଲ ଆଫ୍ରିଦ୍ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ନିର୍ଦ୍ଦେଶକ ଚକ୍ରଧର ବାରିକ ଜାତୀୟ ଯୁବ ଦିବସର ତାତ୍ପର୍ଯ୍ୟ ଉପରେ ଯୁବତୀଯୁବକ ମାନଙ୍କୁ ବୁଝାଇଥିଲେ। ଯୁବକ ଯୁବତୀମାନଙ୍କ ମଧ୍ୟରେ ଏକ ଭାଷଣ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଏଲ୍‌ଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନ ଯୁବତୀଯୁବକ ମାନେ ଶୁଣିଥିଲେ।


**GOVERNMENT OF ODISHA** No.B-944

**e-Procurement Notice, ANGUL (R&B) DIVISION**

**Bid Identification No.59 of 2025-26**

e-mail ID- angulrbdivision@yahoo.co.in

| | | |
|---|---|---|
| 1. Number of Works | : | 01 (One) number of Building work |
| 2. Approximate estimated cost | : | 99.58 Lakh |
| 3. Period of completion | : | 03 (Three) Calendar months |
| 4. Date & Time of availability of bid document in the portal | : | Dt.13.01.2026 at 10.00 A.M. |
| 5. Last date / Time for receipt of bid in the portal | : | Dt.19.01.2026 up to 5.00 P.M. |
| 6. Date of opening Bid | : | Dt. 20.01.2026 at 11.00 A.M. |
| 7. Name and address of the Office Inviting Bid | : | Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only. Further details can be seen from the e-procurement portal https://tendersodisha.gov.in.

OIPR- **Sd./- Superintending Engineer Angul (R&B) Division**

**OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION, ODISHA, TAMANDO, BHUBANESWAR-28**

**NO.115/DT. 09.01.2026**

**TENDER CALL NOTICE**

No.TT-15: Sealed tenders are invited from authorised suppliers/dealers and registered firms having valid PAN, GST Registration and GST Clearance Certificate for supply of sports uniforms for use of the students of Government College of Physical Education, Tamando, Bhubaneswar for the academic session 2025-2027.

Further, the Government College of Physical Education, Tamando, Bhubaneswar invites bids from reputed firms/ agencies through Request for Proposal (RFP) for "Supply of Uniforms for Government College of Physical Education, Tamando, Bhubaneswar, Odisha."

The detailed tender/RFP document may be downloaded only from the official college website **https://gcpebhubaneswar.in** during the period from 13.01.2026 to 06.02.2026.

Interested firms/parties / agencies are advised to carefully study the RFP document before submitting their bids.

Important Dates & Information

- Place of Submission & Opening: Office of the Principal, Government College of Physical Education, Tamando, Bhubaneswar - 751028
- Last Date & Time of Submission: 06.02.2026 by 05:00 P.M. (All documents related to the Tender / RFP, including the sealed tender, must be sent **only through Speed Post** to the above-mentioned address)
- The Earnest Money Deposit (EMD) amount shall be submitted **only through Demand Draft (DD)** drawn in favour of **"Principal, Government College of Physical Education, Bhubaneswar"** payable at Bhubaneswar.
- Date & Time of Opening of Tender: 07.02.2026 at 11:30 A.M at the Office of the Principal, Government College of Physical Education, Tamando, Bhubaneswar 751028.

The undersigned reserves the right to accept or reject any or all tenders fully or partly without assigning any reason thereof.

OIPR- **Sd./- Principal GCPE, Tamando, Bhubaneswar**

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**

**Office of the Jaleswar Municipality, Jaleswar**

Dist. : Balasore, Odisha-756032

Ph : (06781) 222407, Email : jaleswarmunicipality@gmail.com

No. 144 Date : 12.01.2026

**Short Quotation Call Notice**

No.C-2066 : Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of **(1) 3.3 KW capacity Elec. Vehicle Charging Station (2) 4.4 KW Panel Capacity solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage (3) Electri Semi High Mas Light / equipment** as specification mentioned (list & Terms & Condition can be seen at Office). Available of documents from **13.01.2026 to 21.01.2026** up to 01.00 P.M. (in office hours). The quotation should reach to the undersigned on or before **22.01.2026 at 03.00 P.M.** through Speed Post/Registered Post/Courier/by hand. The Quotation will be opened on dt **22.01.2026 at 04.00 P.M.** in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

OIPR- **Sd./- Executive Officer Jaleswar Municipality**

**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.-NUAPADA, ODISHA**

E-mail : eeroads.khr@rediffmail.com

Letter No.142 Date : 07.01.2026

1st Corrigendum to

Bid Identification No. SER&BKHR - 19/2025-26

B-964 : The following changes are being made for E-Procurement Notice - 19, Bid Identification No.SER&BKHR - 19/2025-26 vide letter no.31 dated 02.01.2026 in the above Tender Call Notice.

1. The Date & time of availability of bid documents in the portal from 10.00 hours of 13.01.2026 to 17.00 Hours of 27.01.2026 has extended from 10.00 hours of 28.01.2026 to 17.00 Hours of 12.02.2026.
2. The date & time of opening of bid documents in the portal from 11.00 hours on 28.01.2026 has extended to 11.00 AM on date 13.02.2026 respectively.
3. All other terms and conditions remain unchanged.

OIPR- **Sd./- Superintending Engineer Khariar (R&B) Division**

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OFFICE OF THE GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA

AT/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com ☎ (0663) 2460661,

Email-hpschiplima@yahoo.in, Fax No. (0663) 2460565

No.CAD-2990

No.-CHEP/TW-332/186 Date: 12.01.2026

**TENDER CALL NOTICE NO.-CHEP-52/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Distributors meeting Eligibility Criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply, Testing & Commissioning of Numerical Feeder Protection Relays in 33KV Feeders of CHEP, Chiplima | Rs.7,080/- (Rs.6,000/- + GST @18%) | 10,500/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** from **dtd.16.01.2026 up to 12:30 PM of dtd.29.01.2026**.

OIPR- **Sd/- C & P Head, CHEP, Chiplima**

**GOVERNMENT OF ODISHA** ee_rwbdk2@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**

**"e" Procurement Notice for Road Works**

**Identification Online Tender025/RWD/BDK-II/2025-26, Dtd.06.01.2026**

No.O-1997: 1. Name of the Work : Road Works as per Annexure, 2. Total Number of Works: 1 No., 3. Approximate Estimated Cost: Rs.55.08 Lakhs. 4. Class of Contractor: "B" Class. 5. Period of Completion: As per Annexure, 6. Type of Tender: Double Cover. 7. Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seek-ing tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 25 | 12.01.26 At 11.00 P.M. | 19.01.26 upto 5.00 P.M. | 19.01.26 upto 3.00 P.M. | 20.01.26 at 11.00 AM | Will be intimated later |

8. **Further details can be seen from the e-Procurement portal "https://www.tendersorissa.gov.in"**
9. Any other changes/ Corrigendum may be seen only in website www.tendersorissa.gov.in

OIPR- **Sd./- Superintending Engineer, R.W.Division-II, Bhadrak**

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR**

Phone No.06671-224074, e-mail: eerwkhariar@gmail.com

**e-Procurement Notice**

**BID IDENTIFICATION NO.RWKHR-07/2025-26 (Online)**

No.O-2002: Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work: Roads & Building Works. 2. Total No. of Works: 7 Nos. 3. Estimated Cost: 3.26 to 55.48 Lakhs. 4. Period of Completion: 1 (One) Calendar & 2 (Two) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & Time of seeking ten-der clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Khariar | RWKHR- 07/ 2025-26 (Online) | 13.01.2026 At 10.00 AM | 27.01.2026 Upto 5.00 PM | 27.01.2026 Upto 11.00 AM | 28.01.2026 at 11.00 AM | 31.01.2026 at 11.00 AM |

Further details can be seen from the website www.tendersodisha.gov.in

OIPR- **Sd./- Superintending Engineer, Rural Works Division, Khariar**

**ଓଡ଼ିଶା ସରକାର**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–୧୪

ଇ-ମେଲ୍: directorateofculture@gmail.com

No.RR-

**"ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ" ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ**

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ" ପ୍ରଦାନ ନିମନ୍ତେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ...

ସ୍ୱା./–ନିର୍ଦ୍ଦେଶକ ତଥା ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-

**OFFICE OF THE CHIEF ENGINEER, MEGALIFT, BHUBANESWAR**

Plot No. : A-8/2, 1st Floor, Bhoi Nagar, Bhubaneswar - 751022 (Odisha)

**ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବୃହତ୍ ଉଠା ଜଳସେଚନ, ଭୁବନେଶ୍ୱର**

E-mail : cemlpwr.od@gmail.com ☎ - 91-0674-2567562

☎ -91-0674-2567258

**No. 286/Dated. 09.01.2026**

**Tender Cancellation Notice**

**Bid Identification No.5ML/2025-26**

No.A-1265 : The tender for the work "Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having Command area between 500 Ha. to 2000 Ha. in Cluster No.XXXVIII in the district of Keonjhar & Mayurbhanj including its distribution network, up to 1 Ha Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fifteen years "invited vide Bid Identification No. 5ML/2025-26 is hereby cancelled due to administrative reasons.

OIPR- **Sd./- Chief Engineer, Megalift Bhubaneswar**

**OFFICE OF THE DIVISIONAL FOREST OFFICER: PURI (WL) DIVISION**

Phone No.06752-228281 (Office) Email:dfo.puriwl@odisha.gov.in

Notice No.01/4F/BMC/12/2025, Dated 05th January, 2026

No.MM-476:

**NOTICE**

CANCELLATION OF EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA

The Notice No.02/2025-26 dt.06.12.2025 inviting the EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA is hereby cancelled due to administrative reasons.

OIPR- **Sd./- Divisional Forest Officer Puri (WL) Division, Puri**

**District Mineral Foundation Trust**

Angul, Odisha, PIN-759122

Tele : 06764-230745 / E-mail : dmfangul@gmail.com

Notice No.-82 Date : 12.01.2026

**Corrigendum Notice**

**Ref.: EoI No.1099/DMFT dated 20.12.2025.**

**No:CAD-2993** : The details of the corrigendum / revision made in the terms & conditions of the EoI for **"Empanelment of Central/ State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notice from the website: www.angul.odisha.gov.in. The last date for receipt of the bid document is 10.02.2026 (05.30 P.M.). Documents are to be submitted through Speed Post/ Registered Post (India Post) only.

OIPR- **Sd./- Collector & Chairperson - cum- Managing Trustee, DMFT, Angul**

**OFFICE OF THE MUNICIPALITY, NABARANGPUR**

NABARANGPUR (ODISHA), PIN- 764059

E-mail-municipalityngpr@gmail.com

No. 136 Date. 12.01.2026

**Quotation Call Notice**

No.C-2071 : Sealed Quotations are invited from the intending Agency / Firm/ Suppliers /Manufactures having MSME certificate/GSTN clearance certificate, PAN Card & dealership Certificate etc. for Supply of Water Pump Set having reputed brand /company for Nabarangpur Municipality. The quotation is to be received by the undersigned on or before 5.00 P.M on dated 22.01.2026 through registered post/ speed post / hand delivery At- Nabarangpur Municipality, Po/ PS-Nabarangpur, Dist- Nabarangpur and PIN-764059 within the working hour from 10.00 A.M to 5.00 P.M(dated. 15.01.2026 to 22.01.2026). The rate should be inclusive of all taxes. The quotation will be opened on dt.27.01.2026 at 11.00 A.M in the office premises in presence of the Bidder/Firm/Agency or their authorized representatives if any. The undersigned reserves the right to accept or reject any or all quotation without assigned any reason thereof. For more details enquiry, Quotation may contact to the Nabarangpur Municipality Office within the official working hour (Mobile No.8249255900). Details may accessed and quotation details can be downloaded from the website : https:// www.nawarangpurm.in/ and https://www.nabarangpur.odisha.gov.in/en/ tender.

OIPR- **Sd./- Executive Officer, Nabarangpur Municipality**

**OFFICE OF THE MUNICIPAL COUNCIL, BHADRAK** No.C-2054

Tel. No.06784-251519 (O) & No.06784-251221

e-mail : bhadrakm.hud@od.gov.in & eobdkmunicipality@gmail.com

No.67 **QUOTATION CALL NOTICE** Dt.09.01.2026

| | |
|---|---|
| 1. Name of the work | Supply of Animal Rescue Vehicle with Hydraulic Lifting facility to Bhdrak Mmunicipality |
| 2. Date of sale/download of bid document | From 03.30 P.M. of dtd.13.01.2026 up to 1.00 P.M. of dt.28.01.2026 |
| 3. Last date & time of receipt of bid documents | Up to 4.00 P.M. of dt.29.01.2026 |
| 4. Date and time of opening of bid documents | At 4.00 P.M. of dt.30.01.2026 |
| 5. Mode of deposit towards cost of | Rs.6000.00 (In shape of DD in favour of the Executive Officer, Bhadrak Municipality to be drawn at Bhdrak should be attached with Bid document) |
| 6. Mode of deposit towards EMD | Rs.25,000.00 (In shape of Fixed Deposit Receipt pledged in favour of the Executive Officer, Bhdrak Municipality should be attached with Bid document) |
| 7. Name and address of the Officer Inviting quotation | Executive Officer, Bhadrak Municipality |

Further details can be had from the website of Bhadrak District Website www.Bhadrak.odisha.gov.in & website of Bhdrak Municipality www.bhadrakmunicipality.nic.in from 03.30 PM of dt.13.01.2026 up to 1.00 P.M. of dt.28.01.2026

OIPR- **Sd./- Executive Officer Bhadrak Municipality**

**OFFICE OF THE MUNICIPAL COUNCIL, TALCHER**

DIST :- ANGUL

Phone No.- (06760) 240259 E-Mail ID: e.o.talcher@gmail.com

No. 166 / Date.12.01.2026

**QUOTATION FOR AUCTION CALL NOTICE**

No.C-2069 : The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Municipality Old Vehicle & other scrapped items under Talcher Municipality"**. The prescribed auction schedule can be obtained from the Cash Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash in favour of the Executive Officer, Talcher Municipality from date **13.01.2026** to date **22.01.2026** up to **04.00 PM**. during office hour except holidays.

The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **27.01.2026** up to **01.30 PM**. and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

OIPR- **Sd./- Executive Officer Talcher Municipality**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜିଦ୍‌ରେ ଅଟଳ ବାଂଲାଦେଶ

**ନୂଆଦିଲ୍ଲୀ,୧୩।୧**

ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ପରେ ଆରମ୍ଭ ହୋଇଥିବା ବିବାଦ କାରଣରୁ ଦୁଇ ପଡ଼ୋଶୀ ଦେଶର ପାରସ୍ପାରିକ ସମ୍ପର୍କରେ ତିକ୍ତତା ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ପକ୍ଷରୁ ଭାରତରେ

## ଭେନ୍ୟୁ ପରିବର୍ତ୍ତନ ବିବାଦ

ସୁରକ୍ଷାକୁ ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ବାଂଲାଦେଶ ଦଳ ଭାରତ ଟ୍ରାଭେଲ କରିବାକୁ ରାଜି ନ ଥିବା ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପ୍ରକାଶ କରିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ଆଇସିସି ଓ ବିସିବି ମଧ୍ୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ବୈଠକ ବସିଥିଲା।

ଏହି ଭିଡିଓ କନ୍‌ଫରେନ୍ସରେ ବିସିବି ପକ୍ଷରୁ ସଭାପତି ଅମିନୁଲ ଇସ୍ଲାମ, ଉପସଭାପତି ଶେଖାଓ୍ୱାତ୍ ହୋସେନ ଓ ଫାରୁକି ଅହମଦ, କ୍ରିକେଟ ଅପରେସନ୍ସ କମିଟିର ଚେୟାରମ୍ୟାନ ଓ ଡାଇରେକ୍ଟର ନଜମୁଲ ଆବେଦିନ ଓ ସିଇଓ ନିଜମ ଉଦ୍ଦିନ ଚୌଧୁରୀ ସାମିଲ ଥିଲେ। ଆଲୋଚନା ବେଳେ ସୁରକ୍ଷାଗତ କାରଣରୁ ଭାରତ ଟ୍ରାଭେଲ କରିବା ସମ୍ପର୍କରେ ନିଜର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବନାହିଁ ବିସିବି ଦୋହରାଇଥିଲା। ଏଥିସହିତ ବାଂଲାଦେଶର ମ୍ୟାଚ୍‌କୁ ଭାରତ ବାହାରକୁ ନେବା ପାଇଁ ଆଇସିସି ନିକଟରେ ପୁଣିଥରେ ଅନୁରୋଧ କରିଥିଲା। ହେଲେ ଟୁର୍ନାମେଣ୍ଟ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଥିବାରୁ ବିସିବିକୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଆଇସିସି ପକ୍ଷରୁ କୁହାଯାଇଥିଲା। ଶେଷରେ ଉଭୟ ପକ୍ଷ ସମ୍ଭାବ୍ୟ ସମାଧାନ ଲାଗି ଆଲୋଚନା ଜାରି ରଖିବାକୁ ରାଜି ହୋଇଥିବା ନେଇ ବିସିବି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିସିବି ଉପସଭାପତି ଶେଖାଓ୍ୱାତ୍ କହିଛନ୍ତି, ଭେନ୍ୟୁ ସ୍ଥାନାନ୍ତରକୁ ନେଇ ହୋଇଥିବା ନିଷ୍ପତ୍ତିରେ ଆମେ ଅଟଳ ରହିଛୁ। ଆମେ ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବୁ ନାହିଁ। ଆମେ ଭାରତ ଯାଉନାହୁଁ। ଆମେ ଆମ ପକ୍ଷ ରଖିସାରିଛୁ ଏବଂ ସେମାନେ ବିକଳ୍ପ ଖୋଜୁଛନ୍ତି। ଏବେ ବି ଆଲୋଚନା ଲାଗି ବାଟ ଖୋଲାରହିଛି। ଆମେ ଏକ ସକାରାତ୍ମକ ଫଳାଫଳ ଲାଗି ଆଶାବାଦୀ। ଟୁର୍ନାମେଣ୍ଟକୁ ଅଧିକ ସମୟ ନାହିଁ। ଏଣୁ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ।

# ଭାରତ ବିପକ୍ଷ ସିରିଜ୍ ପରେ ଅବସର ନେବେ ହିଲି

**ସିଡ୍‌ନୀ, ୧୩।୧(ପି.ଟି.)**

ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସା ହିଲି ମାର୍ଚ୍ଚରେ ଭାରତ ବିପକ୍ଷ ଘରୋଇ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ଏହି ୩୫ ବର୍ଷୀୟା କ୍ରିକେଟର ଶେଷଥର ପାଇଁ ପର୍ଥଠାରେ ଏକମାତ୍ର ମହିଳା ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁକେରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବାରୁ ସେ ଭାରତ ବିପକ୍ଷ ଟି୨୦ରେ ଖେଳିବେ ନାହିଁ।



କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୬ରୁ ୨୧ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଗଜପତି, ଢେଙ୍କାନାଳ, ମାଲକାନଗିରି, ମୟୂରଭଞ୍ଜ ବିଜୟୀ

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଗଜପତି, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ମାଲକାନଗିରି ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଗଜପତି ୧୩ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୪୨.୧ ଓଭରରେ ୨୬୫ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ଲିମା ୮୦ ଓ ତନିଶ ମଲିକ ୫୬ ରନ କରିଥିଲେ। ବିପକ୍ଷ ଦଳର ଶ୍ରେୟାଂଶ ପୂଜାରୀ ୩ ଓ ଯୁବରାଜ ସିଂ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୩.୨ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ୱାସିଲ ଖାନ୍ ୯୭ ରନ କରିଥିଲେ। ଗଜପତି ପକ୍ଷରୁ କୋଲି ଭିଗେଶ ଓ ଜେମ୍ସ ଲିମା ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜେମ୍ସ ଲିମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୁରାଙ୍ଗ ଶାସନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ

## ଆନ୍ତଃ ଜିଲା ସ୍କୁଲ କ୍ରିକେଟ

ବରଗଡ଼ ବିପକ୍ଷରେ ଢେଙ୍କାନାଳ ୪ଉଇକେଟରେ ବିଜୟ ଲାଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୩୫ ଓଭରରେ ୧୧୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶିତେସ ବନ୍‌ଜାରା ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର କ୍ରୁଶାନ୍ତ ବେହେରା ୫ ଓ ସୁରଜ ତରାଇ ୪ଉଇକେଟ ଅକ୍ତିଆର କରିଥିଲେ। ଢେଙ୍କାନାଳ ୨୭.୫ ଓଭରରେ ୬ ଉଇକେଟ ବିନିମୟରେ ୧୧୯ ରନ କରି ମ୍ୟାଚ ଜିତିନେଇଥିଲା। ଟପ୍ ସ୍କୋରର ଯଶରାଜ ପଟ୍ଟନାୟକ ୩୩ ରନ କରିଥିଲେ। ସେହିପରି ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୮୧ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଶୁଭାଦିତ୍ୟ ପଣ୍ଡାଙ୍କ ଅପରାଜିତ ୮୯ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୭ଉଇକେଟ ବିନିମୟରେ ୧୯୧ ରନ କରିଥିଲା। ଜବାବରେ ସମ୍ବଲପୁର 'ଏ' ୨୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ କରିଥିଲେ। ଏଥିରେ ଶୁଭାଦିତ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୂଳାପଡ଼ିଆ (ଟାଉନ କ୍ଲବ)ଠାରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ବିପକ୍ଷରେ ପୁରୀ ୮ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩୪ ଓଭରରେ ୧୨୬ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ ପୁରୀ ୧୭.୫ ଓଭରରେ ୨ ଉଇକେଟ ବିନିମୟରେ ୧୨୭ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ସୋଆ କ୍ରିକେଟ ଗ୍ରାଉଣ୍ଡରେ ମାଲକାନଗିରି ୨୫ ରନରେ କିଟ୍‌କୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ୩୨.୪ ଓଭରରେ ୧୧୦ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ କିଟ୍ ୩୫.୫ ଓଭରରେ ମାତ୍ର ୮୫ ରନ କରି ଅଲଆଉଟ ହୋଯାଇଥିଲା। ଗଡିରାଉତ ପାଟଣାଠାରେ ଖେଳାଯାଇଥିବା ମ୍ୟାଚରେ ଦେଓଗଡ଼ ବିପକ୍ଷରେ ମୟୂରଭଞ୍ଜ ୮୨ରନରେ ବିଜୟ ହାସଲ କରିଛି। ମୟୂରଭଞ୍ଜ ୩୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ ଦେଓଗଡ଼ ୩୧.୩ ଓଭରରେ ୧୧୩ରନ କରି ଅଲଆଉଟ ହୋଇଯାଇଥିଲା।

# ମିଲୋସ ରାଓନିକ୍‌ଙ୍କ ଅବସର

**ଓଟାଓ୍ୱା, ୧୩।୧(ଏପି)**



ପୂର୍ବତନ ୱିମ୍ବଲଡନ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ନେଇଛନ୍ତି। ରାଓନିକ୍ କାନାଡାର ପ୍ରଥମ ଖେଳାଳି ଭାବେ ୨୦୧୬ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ରୋଜର ଫେଡେରରଙ୍କୁ ୬-୩, ୬-୭, ୪-୬, ୭-୫, ୬-୩ରେ ହରାଇ ଦେଇଥିଲେ। ଫାଇନାଲରେ ସେ ଆଣ୍ଡି ମୁରେଙ୍କଠାରୁ ପରାଜିତ ହୋଇଥିଲେ। ସେହିବର୍ଷ ସେ ଆହୁରି ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିବର୍ଷ ସେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍ୟାଙ୍କିଙ୍ଗ୍‌କୁ ଉନ୍ନୀତ ହୋଇପାରିଥିଲେ। ଲମ୍ବା ସର୍ଭିସ୍ କରିପାରୁଥିବା ରାଓନିକ୍ ତାଙ୍କ ସମର୍ଥକଙ୍କ ନିକଟରେ 'ମିଜାଇଲ' ନାମରେ ପରିଚିତ ଥିଲେ। ୨୦୧୧ରେ ପ୍ରଫେସନାଲ ଖେଳାଳି ଭାବେ ପରିଣତ ହେବାପରେ ୮ ଏଟିପି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ।

# ବଧିର ଦିନିକିଆ ଟ୍ରାଇ ସିରିଜ୍: ଓଡ଼ିଶା ରନରଅପ୍



ରନରଅପ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ଓଡ଼ିଶା ଡିଫ୍ କ୍ରିକେଟ୍ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅନୁଗୋଳର ଓଏଫ୍‌ଆର୍‌ସି ଷ୍ଟାଡିୟମରେ ଦିନିକିଆ ଟ୍ରାଇ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଅଂଶଗ୍ରହଣ କରିଥିବା ତୃତୀୟ ଦଳ ହେଲା ଆନ୍ଧ୍ରପ୍ରଦେଶ। ୪୦ ଓଭରବିଶିଷ୍ଟ ଫାଇନାଲରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଓଡ଼ିଶା ଦଳ ୩୨ ଓଭରରେ ୧୬୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦୀପକ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍, ସିରିଜ୍ ଓ ଶ୍ରେଷ୍ଠ ବୋଲର ଏବଂ ଗଜରାଜ ସ୍ୱାମୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଏସ୍‌ଏସ୍‌ଓ(ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର) ତ୍ରିଭିଶେଷ ଦଳବେହେରା ମୁଖ୍ୟ ଅତିଥି, ଜିନ୍ଦଲ ଫାଉଣ୍ଡେଶନ ଜିଏମ୍ ସିଏସ୍‌ଆର ଜୟନ୍ତ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ଆଶୁତୋଷ ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିସିଏ ସାଧାରଣ ସମ୍ପାଦକ ତଥା ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଉପସଭାପତି ସାଗରକାନ୍ତ ସେନାପତି, ସିଇଓ ଶର୍ମିଳା ସୁବ୍ରମଣ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ସିରିଜ୍ ଅନୁଷ୍ଠିତ ହୋଇଥିଲା।

# ଇଣ୍ଡିଆ ଓପନ କଣ୍ଡିଶନକୁ ବ୍ଲିଚଫିଲ୍ଡଙ୍କ ସମାଲୋଚନା

**ନୂଆଦିଲ୍ଲୀ,୧୩।୧**

ଗତ ବର୍ଷ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନର ପ୍ଲେଇଂ କଣ୍ଡିଶନକୁ ନେଇ ବିବାଦ ସୃଷ୍ଟି କରିଥିବା ଡେନମାର୍କ ଶଟଲର ମିଆ ବ୍ଲିଚଫିଲ୍ଡ ପୁଣି ଥରେ ପରିବେଶକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପରିକି ଭେନ୍ୟୁରେ ପରିବର୍ତ୍ତନ ସତ୍ତ୍ୱେ ଖେଳାଳିଙ୍କ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି। ଆସନ୍ତା ଅଗଷ୍ଟରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ଭେନ୍ୟୁ ପରିବର୍ତ୍ତନ କରାଯାଇଛି।

ଅନ୍ୟ ହଲଠାରୁ ମ୍ୟାଚ୍ ଖେଳାଯାଉଥିବା ହଲ ଖୁବ ଭଲ ହେବ ବୋଲି ଆଶା ରଖିଥିଲି। କିନ୍ତୁ ଖେଳାଳିଙ୍କ ପ୍ଲେଇଂ କଣ୍ଡିସନରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ମୋ ମତରେ ଏଠାକାର ପରିବେଶ ସମସ୍ତ ଖେଳାଳିଙ୍କ ପାଇଁ ଅସ୍ୱାସ୍ଥ୍ୟକର। ସମସ୍ତ ଖେଳାଳି ଏଠାରେ ଦୁଇଟି ପ୍ୟାଣ୍ଟ, ୱିଣ୍ଟର ଜ୍ୟାକେଟ, ଗ୍ଲୋଭ୍ସ ଓ ଟୋପି ସହ ୱାର୍ମଅପ କରୁଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଖେଳାଳିଙ୍କ ଲାଗି ପ୍ରସ୍ତୁତି କରିବା କଷ୍ଟକର ହୋଇ ପଡ଼ିଛି ବୋଲି ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ବ୍ଲିଚଫିଲ୍ଡ କହିଛନ୍ତି।

# ପ୍ରଥମ ରାଉଣ୍ଡରେ ଭେନସ୍ ପରାଜିତ

**ହୋବାର୍ଟ (ଅଷ୍ଟ୍ରେଲିଆ), ୧୩।୧(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଆରମ୍ଭ ହେବାକୁ ଏକ ସପ୍ତାହରୁ କମ୍ ସମୟ ଥିବା ବେଳେ ମଙ୍ଗଳବାର ହୋବାର୍ଟ ଇଣ୍ଟରନ୍ୟାଶନାଲରେ ଭେନସ୍ ୱିଲିୟମ୍ସ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି। ତାତ୍‌ଜାନା ମାରିଆ ତାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୪୫ ବର୍ଷୀୟା ଭେନସ୍‌ଙ୍କୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଲାଗି ଏକ ୱାଇଲ୍ଡ କାର୍ଡ ମିଳିଛି। ତାଙ୍କୁ ହୋବାର୍ଟରେ ଖେଳିବା ଲାଗି ମଧ୍ୟ ୱାଇଲ୍ଡ କାର୍ଡ ମିଳିଥିଲା, ଯେଉଁଠାରେ କି ସେ ମାରିଆଙ୍କ ବିପକ୍ଷ ମ୍ୟାଚ୍ ଦେଢ଼ଘଣ୍ଟାରେ ହାରିଯାଇଥିଲେ। ଭେନସ୍ ଗତ ସପ୍ତାହରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ମଧ୍ୟ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଥିଲେ।

**Classified Everyday**
**0674-2580101, 9692975378**


MATRIMONIAL

GROOM WANTED


ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023


FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074




All types of physiotherapy and massage. Contact: 9556924059/ 7656969134. D-3075

LOST

Extract of GD No. 021 dated 11.01.2026 of Sunabeda Police Station, I, Geeta Tripathy (50), wife of Pranaya Tripathy, resident of Kakigan Road, P.S.- Sunabeda, District- Koraput declare that my sale deed relating to Kakigan Mauza, Plot Nos. 1359/1517/1483, Khata Nos. 130/1373, is not traceable. Matter is entered in GD for future reference. D-3096

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before Notary Public, Bhubaneswar, Date- 08.01.2026, I, Soumyaranjan Barik, At- Bariksahi, P.O.- Dharmadaspur, VTC- Gunupur, Sub District- Mahanga, Dist.- Cuttack, PIN- 754204, Odisha, India declare that I have changed the name of my daughter from PUJA BARIK to PRITIMANJARI BARIK. Henceforth, she shall be known as PRITIMANJARI BARIK for all purposes.
Soumyaranjan Barik D-3097

I, Pranati Rout, W/o. Late Suresh Kumar Rout, At/P.O.- Kanapura, P.S.- Kamakhyanagar, Dist.- Dhenkanal solemnly declare that by the affidavit before the Executive Magistrate, Dhenkanal, my surname has been changed from Pranati Samal to Pranati Rout. Henceforth, I shall be known as PRANATI ROUT for official & all other purposes. D-3098

I hitherto known as Sunita Bhanja, D/o. Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunitha Bhanjdeo. D-3099

I hitherto known as Sunil Kumar Bhanja, S/o Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunil K Bhanjdeo. D-3100

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai, 71 yrs, S/o.- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak do hereby solemnly declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I declare that Narayan Ghadai and Narayan Chandra Ghadai is one and same person. D-3101


By virtue of an affidavit sworn before in the Court of Executive Magistrate, Pipili, dated- 26.11.2025 I, Digbijaya Behera, S/o.- Dibakar Behera, At/P.O.- Laxminarayanpur, P.S.- Pipili, Dist.- Puri, Odisha- 752104 declare that I have changed my name from Digbijay Behera to Digbijaya Behera. Henceforth, I shall be known as Digbijaya Behera for all purposes.
Digbijaya Behera D-3102

LEGAL NOTICE

IN THE COURT OF THE JUDGE, FAMILY COURT, BALANGIR
C.P. (MAT) NO.10 OF 2025
Rajkishor Pani ......Petitioner
VERSUS
Geetanjali Pani .....Respondent
NOTICE UNDER ORDER 5 RULE 20(1) OF CPC
To
Geetanjali Pani, W/o. Rajkishor Pani, D/o. Prasanna Kumar Mishra, aged about 39 years, Occupation: Private Teacher, resident of Indra Nagar, Balangir Town, P.O.- Balangir, P.S./Civil Judgeship & Dist.- Balangir, PIN- 767001 (Odisha), At Present residing at Village Bagbahali, P.O.- Khari, P.S.- Tarva, Civil Judgeship & Dist.- Subarnapur (Odisha).
Take notice that the petitioner Rajkishor Pani has filed a proceeding under section 13 of Hindu Marriage Act against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 27.01.2026 and in default of your appearance on the day as mentioned, the proceeding will be heard and determined in your absence.
Given under my hand and the seal of court this 23rd day of December 2025.
By order
Sd./- Judge Family Court, Balangir D-3095

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଡା. ନଟବର ନାୟକ**
(ହୋମିଓପ୍ୟାଥି)
ଜଗତ୍‌ସିଂହପୁର
ଆବିର୍ଭାବ- ୦୪।୧୧।୧୯୩୭
ତିରୋଧାନ- ୦୫।୦୨।୨୦୨୪
ଆପଣ ଏକାଧାରାରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥି ଚିକିତ୍ସାରେ ମାନବ ସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥି ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ବନ୍ଧୁ ଓ ପରିବାରବର୍ଗ
D- 3103

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ଅଭିରାମ ନାୟକ**
ରାଧାରମଣ କଲୋନି, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ- ୧୨।୦୮।୧୯୬୩
ତିରୋଧାନ- ୨୧।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇ ରହିବ। ଚଳିତ ମାଘ ମାସ ତା.୧୪।୦୧।୨୦୨୬ ବୁଧବାର ମକର ସଂକ୍ରାନ୍ତି ଦିନ ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ଅକ୍ଷୟ କୁମାର ନାୟକ, ସଞ୍ଜୁ, ମାମାଲି, ମଳୟ, ସ୍ତ୍ରୀ- ରଞ୍ଜିତା, ପୁତ୍ର- ଆକାଶ, କପିଳା ଓ ଆତ୍ମୀୟସ୍ୱଜନ।
D- 3102

Email ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳ,୧୩।୧(ମାନସ ବିଶ୍ୱାଳ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆଭାସି ମାଧ୍ୟମରେ ଅନୁଗୋଳ ଜିଲାର ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ୨ଗୋଟି ପ୍ରକଳ୍ପ ହେଉଛି ୮.୭୩ କି.ମି ବଡ଼କେରା-ମହାଧରପୁର ରାସ୍ତାର ପ୍ରଶସ୍ତୀକରଣ ଏବଂ ଅନୁଗୋଳ-କଳମଛୁଇଁ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମିତ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ସ୍ଥାନୀୟ ଜିଲା କାର୍ଯ୍ୟାଳୟ ଓସୱାନ ହଲ୍‌ଠାରେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ।

# ଜଳର ସୁବିନିଯୋଗ ଉପରେ ଗୁରୁତ୍ୱ


ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୧୩।୧(ଦିବ୍ୟଶଙ୍କର ନାଥ)

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ**

ଅନୁଗୋଳ ଜିଲା ଜଳସେଚନ ବିଭାଗ ତରଫରୁ ମଙ୍ଗଳବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ କୁମଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାଷୀମାନେ କିପରି ଜଳର ସୁବିନିଯୋଗ କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଗ୍ରୋ ଇଣ୍ଡଷ୍ଟ୍ରିର ବ୍ୟାପକ ସଫଳ ରୂପାୟନ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, କୃଷି ବିଭାଗ ତରଫରୁ ସିଏମ୍ କିଷାନ ଓ ପିଏମ୍ କିଷାନ, ଉଦ୍ୟାନ କୃଷି ବିଭାଗ ତରଫରୁ ବିଭିନ୍ନ ଚାଷ, କୃଷି ବିଜ୍ଞାନକେନ୍ଦ୍ର ତରଫରୁ ଛତୁ ଚାଷ, ମାଞ୍ଜି, ମାଞ୍ଜିଆ ଚାଷ, ମୁଣ୍ଡିଆ ବିହନ, ଘାସ ଚାଷ, ଡ୍ରାଗନ ଫଳ ଚାଷ, ଆଜୋଲା ଚାଷ, ଜିଆ ଖତ ଉତ୍ପାଦନର ପ୍ରଚାର ପ୍ରସାର ସମ୍ପର୍କରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉନ୍ନତ କୃଷି ପ୍ରଣାଳୀ ବିଷୟରେ ୩ ଗୋଟି ମଡେଲ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୈତୁନ୍ୟ ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ବ୍ରାହ୍ମଣୀ ଅବବାହିକା ସମଳର ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, କୁମଣ୍ଡ ଶୀର୍ଷ କମିଟି ଅଧ୍ୟକ୍ଷ ନିର୍ମଳ କୁମାର ସାମନ୍ତ, ସାପୁଆ ଶୀର୍ଷ କମିଟି ଅଧ୍ୟକ୍ଷ ପ୍ରେମାନନ୍ଦ ପଟ୍ଟନାୟକ, ମୁଖ୍ୟ ଜିଲା ପଶୁ ସମ୍ପଦ ଅଧିକାରୀ ଡା. ସତ୍ୟ ନାରାୟଣ ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସମ୍ପାଦକ ବିକାଶ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସମାଜ ପାଇଁ ପ୍ରେରଣାଦାୟୀ ଥିଲେ ବିବେକାନନ୍ଦ


ଆୟୋଜିତ କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ଅଧିକାରୀମାନେ।

ଆଠମଲ୍ଲିକ,୧୩।୧(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର ଯୋଗଦେଇ ସ୍ୱାମୀ ବିବେକାନନ୍ଦ ସଫଳତା ପାଇବା ପର୍ଯ୍ୟନ୍ତ ଗୋଟିଏ ଲକ୍ଷ୍ୟରେ କାର୍ଯ୍ୟ କରିବା ସହିତ ଯୁବ ସମାଜ ପାଇଁ ପ୍ରେରଣାଦାୟୀ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଜେଏମ୍ ସିଞ୍ଜୁନ ରାୟ, ଆଠମଲ୍ଲିକ ଓକିଲ ସଂଘ ସମ୍ପାଦକ ଅର୍ଜ୍ଜୁନ ରାଉଳ, କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ ସଭାପତି ଅଞ୍ଜନ ପ୍ରଧାନ, ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ଯୁବ ଦିବସ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। କୋର୍ଟ କର୍ମଚାରୀ ଅମିତ କୁମାର ନାୟକ, ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ସଭାରେ ବହୁ ଆଇନଜୀବୀ ଯୋଗଦେଇଥିଲେ।

## ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଲେ ଏମ୍‌ପି

ତାଳଚେର,୧୩।୧ (ମନୋଜ ନନ୍ଦ)

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ମଙ୍ଗଳବାର ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହାଣ୍ଡିଧୂଆଁ ହାଇସ୍କୁଲର ପିଏମ୍‌ଶ୍ରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଯୋଗ ଦେଇଥିଲେ। ସେହିପରି ଘଣ୍ଟପଡ଼ା ପଞ୍ଚାୟତର ଡାକ୍ତର ଅଶୋକ କୁମାର ଜେନାଙ୍କ ବାସଭବନ ନିକଟରେ ପହଞ୍ଚିବା ସହ ଉପସ୍ଥିତ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ପରାମର୍ଶ ଦେଇଥିଲେ। ଡେରା ଠାରେ ଭାଜପା ରେଳ ମଣ୍ଡଳ ବୈଠକରେ ଯୋଗଦେଥିଲେ। ଏମ୍‌ପିଙ୍କ ସହ ଭାଜପା ଜୋନାଲ ମିଡିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ, ବରୁଣ କୁମାର ସାହୁ, ବିରଞ୍ଚି ପାଣି, ସୁବାସ ସାହୁ, କାଉନସିଲର ଲିନା ସାହୁ, ଜ୍ଞାନେଶ୍ୱର ସାହୁ, ଜଗଦୀଶ ପ୍ରସାଦ ସିଂହ, ଅମିତ କୁମାର ଦାସ, ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଧୀରେନ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମୁଖ୍ୟ ଚିକିତ୍ସାଳୟରେ କାୟାକଳ୍ପ ଟିମ୍‌ର ସମୀକ୍ଷା

ଅନୁଗୋଳ,୧୩।୧ (ଜ୍ୟୋତିରଞ୍ଜନ ସାହୁ)


ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାୟାକଳ୍ପ ଟିମ୍ ସଦସ୍ୟମାନେ।

ରାଜ୍ୟ ସରକାରଙ୍କ କାୟାକଳ୍ପ ଯୋଜନା ଅନ୍ତର୍ଗତ ଏକ ୩ ଜଣିଆ ଟିମ୍ ମଙ୍ଗଳବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଟିମ୍‌ରେ ଡା. ପ୍ରମୋଦ କୁମାର ଗିରି, ମ୍ୟାନେଜର ସରୋଜ କୁମାର ପାଣିଗ୍ରାହୀ, ୟୁନିସେଫ୍‌ର ନୀହାର ରଞ୍ଜନ ଜେନା ସାମିଲ ଥିଲେ। କାୟାକଳ୍ପ ଟିମ୍ ସଦସ୍ୟମାନେ ଓପିଡି, ଆଇପିଡି, ଆପାତକାଳୀନ ବିଭାଗ, ମାଟର୍ନିଟି ୱାର୍ଡ, ଶିଶୁ ୱାର୍ଡ, ଅପରେଶନ ଥିଏଟର, ଲାବୋରେଟୋରି, ଫାର୍ମାସୀ ଓ ରକ୍ତକୋଷ ସହ ସମସ୍ତ ବିଭାଗ ବୁଲି ଦେଖିଥିଲେ। ପ୍ରତ୍ୟେକ ବିଭାଗରେ ରୋଗୀଙ୍କୁ ଦିଆଯାଉଥିବା ସେବାର ମାନ, ଡାକ୍ତର ଓ କର୍ମଚାରୀଙ୍କ ଉପସ୍ଥିତି ଏବଂ କାର୍ଯ୍ୟପ୍ରଣାଳୀ ବୁଝିଥିଲେ। ଚିକିତ୍ସାଳୟ ପରିସର ସଫେଇ ବ୍ୟବସ୍ଥା, ବାୟୋମେଡିକାଲ ୱେଷ୍ଟ ପରିଚାଳନା, ଶୌଚାଳୟ ଓ ୱାର୍ଡଗୁଡ଼ିକର ସଫାସୁତୁରା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ, ରେଜିଷ୍ଟର ଠିକ୍ ଭାବେ ରଖାଯାଇଛି କି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଏହାସହିତ ଚିକିତ୍ସା, ଔଷଧ ବିତରଣ, ସଫେଇ ଓ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ରେଜିଷ୍ଟର ଓ ରେକର୍ଡର ରକ୍ଷାବେକ୍ଷଣ ଉପରେ ଟିମ ଦ୍ୱାରା ଗଭୀର ଅନୁଧ୍ୟାନ କରାଯାଇଥିଲା।

## ଅନୁଗୋଳରେ ଜିଏସ୍‌ଟି ଚଢ଼ାଉ

ଅନୁଗୋଳ,୧୩।୧(ଜ୍ୟୋତିରଞ୍ଜନ ସାହୁ)

ଦୀର୍ଘ ଦିନ ଧରି ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ଅନୁଗୋଳ ସହରର ଜଣେ ମାର୍ବଲ ବ୍ୟବସାୟୀ ଓ ରିୟଲଇଷ୍ଟେଟ ମାଲିକଙ୍କ ଅଫିସ ଉପରେ ମଙ୍ଗଳବାର ଜିଏସ୍‌ଟି ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଡିରେକ୍ଟୋରେଟ ଅଫ୍ ଜେନେରାଲ ଜିଏସ୍‌ଟି ଇଣ୍ଟେଲିଜେନ୍ସ (ଡିଜିଜିଆଇ) ଭୁବନେଶ୍ୱରର ୧୨ ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲେ। ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଟିକସ ଫାଙ୍କୁଥିବା ସନ୍ଦେହରେ ସମ୍ପୃକ୍ତ ବ୍ୟବସାୟୀ ଜଣକ ଜିଏସ୍‌ଟି ଇଣ୍ଟେଲିଜେନ୍ସର ନଜରରେ ଥିଲେ। ଗୁପ୍ତ ସୂଚନାକୁ ଆଧାର କରି ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଜିଏସ୍‌ଟି ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ବ୍ୟବସାୟୀଙ୍କ କାର୍ଯ୍ୟାଳୟର ହିସାବକିତାବ, ବିଲ୍ ବହି, ଟ୍ୟାକ୍ସ ରିଟର୍ନ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିଲା। ତଦନ୍ତ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ସୂଚନା ମିଳିଛି। ଜିଏସ୍‌ଟି କର୍ତ୍ତୃପକ୍ଷଙ୍କ ତରଫରୁ ଏପର୍ଯ୍ୟନ୍ତ କିଛି ପ୍ରକାଶ କରାଯାଇ ନ ଥିବାବେଳେ ଚଢ଼ାଉ ସରିବା ପରେ ଯାହାକିଛି ସୂଚନା ଦିଆଯିବ ବୋଲି ଜଣାପଡ଼ିଛି।

## ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବଣ୍ଡଁରପାଳ,୧୩।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡଁରପାଳ ଥାନା ନିକଟ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନାମଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସଭାପତି ରଜନୀକାନ୍ତ ସିଂହଙ୍କ ପୌରୋହିତ୍ୟରେ ଏହି ବୈଠକରେ ମୁଖ୍ୟ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ସତ୍ୟବାନ ବରାହ, ଉପସଭାପତି ପୀତାମ୍ବର ସାହୁ, ସୁଧୀର ବରାହ, ସଦସ୍ୟ ପ୍ରଦୀପ କୁମାର ମାଝୀ, ବିପ୍ର ଚରଣ ଜେନା, ନିର୍ମଳ କୁମାର ଗଡ଼ନାୟକ, ନିର୍ମଳ ସାମଲ, ରବିନାରାୟଣ ବେହେରା, ଗଗନ ମହାଲିକ, ନିର୍ମଳ ବରାହ, ଅଭୟ ଭୂତିଆ, ସୁଧାକର ସାହୁ, ଶିବ ଚରଣ ସେଠୀ, ଗୋତମରା ସରପଞ୍ଚ ମଣ୍ଟୁ ବରାହ, ଚେମଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭେନ୍ଦୁ କୁମାର ବେଉରା ଓ ପ୍ରେମାନନ୍ଦ ପ୍ରଧାନଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ନାମଯଜ୍ଞକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବାକୁ ସଙ୍କଳ୍ପ ନିଆଯାଇଥିଲା।

## ଜାତୀୟ ଯୁବ ଦିବସ ପାଳିତ

ଅନୁଗୋଳ,୧୩।୧(ମାନସ ବିଶ୍ୱାଳ)

ମେରା ଯୁବ ଭାରତ ଓ ଉତ୍କର୍ଷ ପରିବାର ଆନୁକୂଲ୍ୟରେ ଅନୁଗୋଳସ୍ଥିତ ନିୟତି ଫାଉଣ୍ଡେଶନ ଦ୍ୱାରା ଯୁବତୀଯୁବକମାନଙ୍କ ପ୍ରଶିକ୍ଷଣ ଶିବିରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ମୁଖ୍ୟ ଅତିଥି ଭାବେ ଓ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବେହେରା, ମେରା ଯୁବ ଭାରତର ଜିଲା ସଂଯୋଜକ ତପନ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସଭାପତି ଭୀଷ୍ମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ହୋମଦ୍ୟୁତି ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ହେବ

ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)

ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ହେବ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହିସ୍ଥିତ ପିଏମ୍‌ଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଙ୍ଗଳବାର ଉପସ୍ଥିତ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜିତ ଖଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ଅନ୍ୟତମ ଅତିଥି ଭାବେ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାଜେଶ କୁମାର ଜେନା, ସାପଘରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିନ୍ଦୁ ସାଗର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୁଦ୍ର ପ୍ରସାଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ମୋନାଲିସା ସାହୁ , ରେଣୁକା ମାଝୀ , ଶଶିଭୂଷଣ ସାହୁ, ଗଦାଧର ବେହେରା, ସଲିମ ମେହେର, ବିଜୟ କୁମାର ସିଂ, ପ୍ରଶ୍ନ ବେହେରା, ପ୍ରଶ୍ନ ପ୍ରଧାନ, ଚଣ୍ଡେସର ଭୋଇ, ଅରୁଣ ନାୟକ, ପପୁ ରଞ୍ଜନ ସାହୁ, ସୌରଭ ସରକାର ପ୍ରମୁଖ ସହଯୋଗ କରିଥିଲେ।



ପାଇକସାହିସ୍ଥିତ ପିଏମ୍‌ଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

## ଗାଁର ଅଭାବ ଅସୁବିଧା ବୁଝିଲେ ବିଧାୟକ

ଆଠମଲ୍ଲିକ,୧୩।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବିଧାୟକ ନଳିନୀକାନ୍ତ ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସୁବିଧା ଅସୁବିଧା ବୁଝିଛନ୍ତି। ଲୋକଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱର ସହ ନେଇ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ଏହି ଅବସରରେ ବିଧାୟକ ନୂଆଗଡ଼, ଖମ୍ଭେଶ୍ୱରୀପାଲି, ଯଦୁପୁର, ଜଙ୍ଗଲ ଯଦୁପୁର, ଲିପିଲୋଇ ଆଦି ଗ୍ରାମ ଗସ୍ତ କରିଥିଲେ। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତ ରଞ୍ଜନ କର୍ଣ୍ଣଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ ।

## ସମବାୟ ସମିତି ଫାଟକରେ ତାଲା ପକାଇଲେ ଚାଷୀ

ବନ୍ତଲା,୧୩।୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୋକତୁଙ୍ଗା ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ କଟ୍‌ନିଛଟ୍‌ନିକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଚାଷୀମାନେ ସେବା ସମବାୟ ସମିତି ଫାଟକରେ ତାଲା ପକାଇ ଦେବା ସହ ବନ୍ତଲା-କରତପଟା ମୁଖ୍ୟ ରାସ୍ତା କିଛି ସମୟ ପାଇଁ ଅବରୋଧ କରିଥିଲେ। ପରେ ମିଲର ଓ ଚାଷୀଙ୍କ ମଧ୍ୟରେ ବୁଝାମଣା ପାଇଁ ଆଲୋଚନା କରାଯାଇଥିଲା। ଚାଷୀ ପ୍ରିୟବ୍ରତ ପ୍ରଧାନ, ବିପ୍ଳୁ ପ୍ରଧାନ, ମାନସ ସାହୁ, କୈଳାଶ ଚନ୍ଦ୍ର ସାହୁ, ଚୈତନ୍ୟ ଦେହୁରୀ, ବସନ୍ତ ପ୍ରଧାନ, ସରୋଜ ଦେହୁରୀ, ଦେବାନନ୍ଦ ଦେହୁରୀ ଓ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଜିଲା ସହକାରୀ ନିବନ୍ଧକ ସମବାୟ ସମିତି ନିରଞ୍ଜନ ସେଠ କହିଛନ୍ତି, ବିନା କଟ୍‌ନିଛଟ୍‌ନିରେ ଧାନ କିଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଅସନ୍ତୋଷ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି।

## ପାଇକସାହିରେ ଧାନମଣ୍ଡି ଉଦ୍‌ଘାଟିତ

ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକର ପାଇକସାହି ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଅଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ତ୍ରିଲୋଚନ ନାୟକ, ସୌମ୍ୟରଞ୍ଜନ କଅଁର, ଗୋବିନ୍ଦ ସାହୁ, ରବିନାରାୟଣ ସାହୁ, କୁନା ପ୍ରଧାନ, ସଞ୍ଜୟ ନାୟକ, ବିଶ୍ୱାମିତ୍ର ପ୍ରଧାନ, ସୁଜିତ କୁମାର ପ୍ରଧାନ, କୈଳାସ ସାହୁ, ଯଶୋବନ୍ତୀ ସାହୁ, ନିର୍ଦ୍ଦେଶକ ସଞ୍ଜୟ ପ୍ରଧାନ, ସୁନୀଲ ନାୟକ, ଜିତେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ପ୍ରଧାନ, ଅନିରୁଦ୍ଧ ସାହୁ, ପ୍ରଦୀପ ବିଶ୍ୱାଳ, ଜନକ ସେନାପତି ଓ ସ୍ୱାଧୀନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମବାୟ ସମିତିରେ ସାପଘରା, ପାଇକସାହି, ଟାପଡ଼ୋଲ ପଞ୍ଚାୟତର ୬୭୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ଦିନରେ ୩୫୦ କୁଇଣ୍ଟାଲ ଧାନ କିଣା ଯାଇଥିବା ସମବାୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ସମବାୟ ସମିତିରେ ଧାନକ୍ରୟ ଶୁଭାରମ୍ଭ

ଅନୁଗୋଳ,୧୩।୧ (ମାନସ ବିଶ୍ୱାଳ)

ଅନୁଗୋଳ ଖଲାରୀ ପଞ୍ଚାୟତର ଖଲାରୀ ସେବା ସମବାୟ ସମିତିଠାରେ ଧାନକ୍ରୟ ଶୁଭାରମ୍ଭ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖଲାରୀ ସେବା ସମବାୟ ସମିତି ସଭାପତି ବେଣୁଧର ସାହୁ, ଖଲାରୀ ସରପଞ୍ଚଙ୍କ ପ୍ରତିନିଧ ଲାଲ ବାହାଦୁର ଗଡ଼ନାୟକ, ସମିତି ସଭ୍ୟ ରାକେଶ ନନ୍ଦ, ଛେଳିଆପଡ଼ା ସରପଞ୍ଚ କୁମର ମୁଦୁଲି ଉପସ୍ଥିତ ଥିଲେ।

## ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରୁଛି ପିଏମ୍‌ଶ୍ରୀ ଉତ୍ସବ

ଆଠମଲ୍ଲିକ,୧୩।୧(ଉଦିପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ, ସମ୍ମାନିତ ଅତିଥି ଭାବେ ବିଡିଓ ଟିଟସ ମହାନନ୍ଦିଆ, ସହକାରୀ ଜିଲାପାଳ ଜ୍ୟୋତି ରଞ୍ଜନ ବାଗ, ପଞ୍ଚଶିକ୍ଷା ସେତୁ ସଭାପତି ଆଇନଜୀବୀ ଜିତେନ କୁମାର ମିଶ୍ର, ଏବିଇଓ କୈବଲ୍ୟ କଅଁର, ଧରଣୀଧର ସେଠୀ, ମାଧପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ ମାହାର, ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆସିଥାଏ ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଆଦିତ୍ୟ କୁମାର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ସଦାନନ୍ଦ ଦନ୍ତା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସୁନୀଲ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ସତ୍ୟ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁଧାଂଶୁ ବିଶ୍ୱାଳ, ଆଦିତ୍ୟ କୁମାର ସାହୁ, ମହେନ୍ଦ୍ର ସିଠ, ମାନସ ରଞ୍ଜନ ସାହୁ , ବିକାଶ ଧଳ, ସତ୍ୟ ପ୍ରିୟ ପ୍ରଧାନ, ଶିବାଶିଷ ସାଥୁଆ, ମୃତ୍ୟୁଞ୍ଜୟ ସାହୁ, ଗୋପାଳକୃଷ୍ଣ ନାଗ, ରଜତ କଅଁର, ବିନୋଦିନୀ ପ୍ରଧାନ, ସ୍ୱାଗତିକା ସାହୁ, ଅନିତା ବାରିକ, ଜ୍ୟୋସ୍ନାରାଣୀ ତରିଆ ପ୍ରମୁଖ ସହଯୋଗ କରିଥିଲେ। ସଫଳତା ପାଇଥିବା ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା। ଶିକ୍ଷକ ଧବଳେଶ୍ୱର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଶିଶୁସେବିକା ପଦବୀ ଚୟନରେ ଅନିୟମିତତା ଅଭିଯୋଗ

ଛେଣ୍ଡିପଦା,୧୩।୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗାଁରେ ଥିବା ଟାଙ୍ଗିରି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ଚୟନ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ହୋଇ ନ ଥିବା ଅଭିଯୋଗ ହୋଇଛି। ମହିଳାମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ଅଟକ ରଖିଥିଲେ। ଖବରପାଇ ବାଗଡ଼ିଆ ଥାନା ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ମୁଖ୍ୟ ଫାଟକ ଖୋଲାଯାଇଥିଲା। ଏ ସମ୍ପର୍କରେ ଏବିଇଓ ପବିତ୍ର ମୋହନ ଦେହୁରୀ କହିଛନ୍ତି, ଶିଶୁ ସେବିକା ଚୟନ ନିମନ୍ତେ ଗାଇଡଲାଇନର କୌଣସି ଠିକ୍ ଠିକଣା ନାହିଁ।

## ବାଲ୍ୟ ବିବାହମୁକ୍ତ ଭାରତ ଲୋଗୋ ଉନ୍ମୋଚିତ



ଢେଙ୍କାନାଳଏମ୍‌ପିଙ୍କ ସହ ଅନ୍ୟ ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

ଅନୁଗୋଳ,୧୩।୧(ମାନସ ବିଶ୍ୱାଳ )

ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ୍ ଫର୍ ଚିଲଡ୍ରେନର ମିଳିତ ଉଦ୍ୟମରେ ମଙ୍ଗଳବାର ଅନୁଗୋଳ ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୩୦ ମସିହା ସୁଦ୍ଧା ଭାରତ ସରକାରଙ୍କ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଲକ୍ଷ୍ୟକୁ ସାକାର କରିବା ପାଇଁ ଉପରୋକ୍ତ ଅନୁଷ୍ଠାନ ପକ୍ଷରୁ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଉକ୍ତ ଅଭିଯାନର ଏକ କାର୍ଯ୍ୟକ୍ରମ ସ୍ୱରୂପ ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ବାଲ୍ୟ ବିବାହ ମୁକ୍ତ ଲୋଗୋ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ଅନୁଗୋଳ ବନଖଣ୍ଡର ସହାୟକ ବନ ସଂରକ୍ଷକ ବିଦ୍ୟାସାଗର, ଶିଶୁ କଲ୍ୟାଣ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ବରିଷ୍ଠ ସାମାଜିକ କର୍ମୀ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ମୁକ୍ତ ଭାରତକୁ ସମର୍ଥନ ଜଣାଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର, ସଭାପତି ବସନ୍ତ କୁମାର ପ୍ରଧାନ, ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ Bhubaneswar, Wednesday, January 14/ 2026

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ



ଭାରତୀୟ ଦଳର ଟ୍ରେନିଂ ଅବସରରେ ଅଧିନାୟକ ଶୁବମନ ଗିଲ୍।

**ରାଜକୋଟ,୧୩।୧(ପି.ଟି.)**

ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭଦୋଦରାରେ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଦଖଲ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ମାଇକେଲ ବ୍ରେସ୍‌ୱେଲଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଜବରଦସ୍ତ ଫର୍ମରେ ଥିବା ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ଏବେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ସିରିଜ୍‌ରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବର୍ତ୍ତମାନ ପଦାର୍ପଣ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ନାହିଁ। ସୁନ୍ଦରଙ୍କ ବଦଳରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିପାରେ। କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ବହୁମୁଖୀ ପ୍ରତିଭା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ସୁନ୍ଦରଙ୍କ ସ୍ଥାନରେ ଦଳ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଦଳରେ ସାମିଲ କରିବାକୁ ଚାହେଁ, ତେବେ ଧ୍ରୁବ ଜୁରେଲଙ୍କ ଭଳି ବିକଳ୍ପ ରହିଛନ୍ତି। ଏହା ବ୍ୟତୀତ ଦଳୀୟ କମ୍ବିନେଶନକୁ ନେଇ ବିଶେଷ କୌଣସି ସମସ୍ୟା ନାହିଁ।

ଭଦୋଦରାଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ କୋହଲି ଅଳ୍ପକେ କ୍ୟାରିୟରର ୫୪ତମ ଦିନିକିଆ ଶତକ ହାତଛଡ଼ା କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ମିଡଲ ଅର୍ଡର କୋଲାପ୍ସ କରିଥିଲା। ଶେଷଆଡ଼କୁ ଲୋକେଶ ରାହୁଲ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାଚ୍‌ରେ ଅଧିନାୟକ ଗିଲ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଉପଅଧିନାୟକ ଶ୍ରେୟସ ଆୟାର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ରୋହିତ ଏହି ମ୍ୟାଚ୍‌ରେ ଛୋଟିଆ ଇନିଂସ୍ ଖେଳିଥିଲେ ମଧ୍ୟ ସେ ଲୟରେ ନଜର ଆସିଥିଲେ। ଏଣୁ ମ୍ୟାଚ୍‌ରେ ରୋହିତ୍‌ଙ୍କଠାରୁ ମଧ୍ୟ ଭଲ ଇନିଂସ୍‌ର ଆଶା କରାଯାଉଛି। କିନ୍ତୁ ଭାରତୀୟ ବୋଲିଂ ବିଭାଗର ପ୍ରଦର୍ଶନରେ ଖୁବ୍ ସୁଧାରର ଆବଶ୍ୟକତା ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍ପିନରମାନେ ଦଳକୁ ଉଇକେଟ ପ୍ରଦାନ କରିବାରେ ସଂଘର୍ଷ କରିଥିଲେ। କେବଳ ଯୁବ ପେସରମାନେ ଦଳକୁ ଆବଶ୍ୟକ ସମୟରେ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। କୋଟ୍‌ଲା ପିଚ୍‌ରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅଳ୍ପକେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଲାଗି ଅନେକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଡେଭନ କନ୍‌ୱେ ଓ ହେନରୀ ନିକୋଲାସ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିବା ବେଳେ ନଂ-୪ ଡାର୍ଲି ମିଚେଲ ବିସ୍ଫୋରକ ୮୪ ରନ୍‌ର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୩୦୦ ରନ୍ ସ୍କୋର କରିପାରିଥିଲା। ମିଚେଲ ହେ ଓ କ୍ରିଷ୍ଟିଆନ କ୍ଲାର୍କ ଦଳକୁ ବିସ୍ଫୋରକ ଫିନିଶିଂ ପ୍ରଦାନ କରିଥିଲେ। ବୋଲିଂରେ କାଏଲ ଜେମିସନ ୪ ଉଇକେଟ ନେଇ ଏକଦା ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର (ଉପଅଧିନାୟକ), ଲୋକେଶ ରାହୁଲ (ଉଇକେଟ୍‌କିପର), ଧ୍ରୁବ ଜୁରେଲ/ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ରେକର୍ଡ ଅପେକ୍ଷାରେ ବିରାଟ କୋହଲି



**ରାଜକୋଟ,୧୩।୧:** ଫୁଲ୍ ଫର୍ମରେ ଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇପାରନ୍ତି। କୋହଲି ଗତ ୫ ମ୍ୟାଚ୍‌ରେ ୫ଥର ୫୦ରୁ ଅଧିକ ସ୍କୋର କରିଛନ୍ତି। ଏହି ଧାରା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। କୋହଲି ଏବେ ଲଗାତର ୫ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଉର୍ଦ୍ଧ୍ୱ ରନ୍ କରିଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ସହ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରନ୍ତି, ତେବେ ସେ କେନ୍ ୱିଲିୟମସନ, ଶାଇ ହୋପ୍, ବାବର ଆଜାମ, ପଲ ଷ୍ଟିର୍ଲିଂ, ରସ୍ ଟେଲର ଓ କ୍ରିସ୍ ଗେଲ୍‌ଙ୍କ ସମକକ୍ଷ ହେବେ। ତେବେ ଲଗାତର ସର୍ବାଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବା ରେକର୍ଡ ପାକିସ୍ତାନର ଜାଭେଦ ମିଆଁଦାଦ୍(୯ଟି ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଲଗାତର ୭ ଅର୍ଦ୍ଧଶତକ ସହ ଇମାମ୍-ଉଲ୍-ହକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ସୌରାଷ୍ଟ୍ର-ପଞ୍ଜାବ, ବିଦର୍ଭ-କର୍ନାଟକ

**ବିଜୟ ହଜାରେ ଟ୍ରଫି ସେମିଫାଇନାଲ**

**ବେଙ୍ଗାଲୁରୁ,୧୩।୧**

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ପଞ୍ଜାବ ଓ ବିଦର୍ଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ହେବାକୁଥିବା ପ୍ରଥମ ସେମିଫାଇନାଲରେ କର୍ନାଟକ-ବିଦର୍ଭ ଓ ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲରେ ସୌରାଷ୍ଟ୍ର-ପଞ୍ଜାବ ପରସ୍ପରକୁ ଭେଟିବେ।

ମଙ୍ଗଳବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୩୦୦ ରନ୍ କରିଥିଲା। ଦଳ ପାଇଁ ଯଶ୍ ରାଥୋଡ୍ ୮୬, ଅର୍ଥବ ତାଇଡେ ୬୨ ଓ ଧ୍ରୁବ ଶୋରେ ୪୯ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅନୁଜ ରାୱତ୍ ୬୬ ରନ୍ କରିଥିବା ବେଳେ ବିଦର୍ଭ ପକ୍ଷରୁ ନଚିକେତ ଭୁଟେ ୪ ଓ ଅଧିନାୟକ ହର୍ଷ ଦୁବେ ୩ଟି ଉଇକେଟ ନେଇଥିଲେ। ସେହିପରି ୪ର୍ଥ କ୍ୱାର୍ଟର ଫାଇନାଲରେ ପଞ୍ଜାବ ୧୮୩ ରନ୍‌ର ବଡ଼ ବ୍ୟବଧାନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୫୦ ଓଭରରେ ୬ ଉଇକେଟ ହରାଇ ୩୪୫ ରନ୍ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା।

# ମହାବୀର ୱାରିୟର୍ସ ଚାମ୍ପିୟନ

**ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍**

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମା'ମଙ୍ଗଳା ଦଳକୁ ୩୩-୩୩(୬-୪)ରେ ହରାଇ ମହାବୀର ୱାରିୟର୍ସ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୁଶାନ୍ତ ରାଉତ ଓ ସାରଦା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆଗାମୀ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ କବାଡ଼ି ଲିଗ୍ ଆୟୋଜନ କରାଯିବ ବୋଲି କ୍ଲବ୍ ସଭାପତି ସୁବାସ ପରିଡ଼ା ପ୍ରକାଶ କରିଛନ୍ତି।




ଚାମ୍ପିୟନ ମହାବୀର ୱାରିୟର୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ